## ସଂକ୍ଷେପରେ

### ଗୁଜରାଟରେ ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତ ମହାକାଳପଡାରୁ ଗିରଫ

**କେନ୍ଦ୍ରାପଡା ଅଫିସ, ୧୭।୧୧:** କେନ୍ଦ୍ରାପଡା ଜିଲା ତନ୍ତିଆପାଳ ଥାନା ମହାକାଳପଡା ବ୍ଲକ ଚକଡା ଗୋଗୁଆ ଗ୍ରାମର ବିକି କୁମାର ମଲ୍ଲିକ ଓରଫ ବିଘ୍ନେଶଙ୍କୁ ଗୁଜରାଟ ରାଜ୍ୟ ଡାମନ ପୋଲିସ ରବିବାର ଗିରଫ କରିଛି। ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ ଦେଓ ସୂଚନା ଦେଇଛନ୍ତି ଯେ, ବିଘ୍ନେଶ ଗୁଜୁରାଟରେ ଗତ ଦୁଇ ବର୍ଷ ହେବ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ସେ ଡାମନ ସହରରେ ମାମୁଁଙ୍କ ନିକଟରେ ରହୁଥିବା ଜଣେ ନାବାଳିକାଙ୍କୁ ସହର ଠାରୁ ଦୂରକୁ ନେଇ ବଳାତ୍କାର କରିଥିଲେ। ଏହାକୁ ନେଇ ପୀଡିତା ନାବାଳିକାଙ୍କ ମାମୁଁ ଡାମନ ପୋଲିସ ନିକଟରେ ଅଭିଯୋଗ କରିଥିଲେ।

### ଟ୍ରାକ୍ଟର ମାଲିକ ସଂଘ ବୈଠକ, କର୍ମକର୍ତ୍ତା ଚୟନ

**ମାର୍ଶାଘାଇ, ୧୭।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ଟ୍ରାକ୍ଟର ମାଲିକ ସଂଘ ବୈଠକ ରବିବାର କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଧ୍ରୁବ କିଶୋର ନାୟକ ସଭାପତିତ୍ୱ କରିଥିଲେ। ମାର୍ଶାଘାଇ ଏବଂ ମହାକାଳପଡା ବ୍ଲକ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ମାଲିକ ଯୋଗଦେଇ ମାଲ ପରିବହନ ବେଳେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଧ୍ରୁବକିଶୋର ନାୟକ, ଉପ ସଭାପତି ନିର୍ମଳ କୁମାର ପତି, ସମ୍ପାଦକ ନିଗମ ପ୍ରସାଦ ରଥ, ସହ ସମ୍ପାଦକ ମନୋଜ କୁମାର ପରିଡା, କୋଷାଧକ୍ଷ ଭାବେ ସୁଜିତ କୁମାର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦିଲୀପ କୁମାର ସ୍ୱାଇଁ, ଗଣେଶ କୁମାର ଲେଙ୍କା, ପ୍ରଳୟ କୁମାର ସାମଲ, ସୁଜାତ କୁମାର ଲେଙ୍କା, କୈଳାସ ସ୍ୱାଇଁ, ଶୈଳେନ୍ଦ୍ର ନାୟକ, ନୃସିଂହ ଚନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ନାୟକ, ମନୋରଞ୍ଜନ ବସନ୍ତିଆ, ଅରୁଣ ମହାନ୍ତି, ନିକଞ୍ଜ ବିହାରୀ ସାମନ୍ତରାୟ ପ୍ରମୁଖଙ୍କୁ ଚୟନ କରାଯାଇଛି। ବୈଠକରେ ଶୁଭେନ୍ଦୁ ଦାସ, ଲକ୍ଷ୍ମଣ ଦାସ, ଚନ୍ଦ୍ରକାନ୍ତ ସ୍ୱାଇଁ, ଶମ୍ଭୁନାଥ ବାରିକ, ମହେଶ୍ୱର ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚାଷ ପାଇଁ ଜଳ ପରିଚାଳନାରେ ଅବ୍ୟବସ୍ଥା

**କେନ୍ଦ୍ରାପଡ଼ା ଜିଲା**
- ଜିଲାରେ ଅଛି ୭ ନଦୀ, ୨୭ ଶାଖା ନଦୀ
- ଅର୍ଥକରୀ ଫସଲ ପାଇଁ ଜଳର ଅଭାବ

**କେନ୍ଦ୍ରାପଡ଼ା ଅଫିସ, ୧୭।୧୧**

ଭୂତଳ ଜଳସ୍ତର କମୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରାକୃତିକ ଉପାୟରେ ମିଳୁଥିବା ଜଳରାଶିକୁ ଅଣୁ ଜଳସେଚନ ମାଧ୍ୟମରେ ଅଧିକ ଜମିକୁ ଜଳସେଚନ କରିବା ଆବଶ୍ୟକ ବୋଲି ଭୁବନେଶ୍ୱର ଠାରେ ଗତ ଗୁରୁବାର ଆୟୋଜିତ ଅଣୁ ଜଳସେଚନ ସମ୍ପର୍କିତ ଜାତୀୟ ସମ୍ମିଳନୀରେ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଏହି ସମ୍ମିଳନୀରେ ମନ୍ତ୍ରୀ ଡ. ସାହୁ ରାଜ୍ୟରେ ଅଣୁ ଜଳସେଚନକୁ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ। କିନ୍ତୁ କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡା ଜିଲାରେ ଏହି ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ପାଣି ଅଭାବରୁ ଜିଲାର ଚାଷ ପ୍ରଭାବିତ ହେଉଥିବା ବେଳେ ଚାଷୀ ପଛୁଆ ଅଛନ୍ତି। ସ୍ୱାଭାବିକ ଭାବେ ଖରିଫ ଚାଷ ପରେ ଅର୍ଥକାରୀ ଫସଲ ପାଇଁ ଜଳର ଅଭାବ ଥିବାରୁ କର୍ମ ନିଯୁକ୍ତି ଆଶାରେ ଚାଷୀ, କୃଷି ଶ୍ରମିକଙ୍କ ସହିତ ଯୁବବର୍ଗ ଦେଶ ବିଦେଶକୁ ଯାଉଛନ୍ତି। ଚାଷ ପ୍ରତି ଜିଲାବାସୀଙ୍କ ଆକର୍ଷଣ କମୁଥିବା କାରଣକୁ ବହୁ ବୁଦ୍ଧିଜୀବୀ ଜିଲାରେ ଥିବା ଜଳ ପରିଚାଳନାକୁ ଦାୟୀ କରିଛନ୍ତି। ଜିଲାରେ ୭ ନଦୀ ଓ ୨୭ ଶାଖାନଦୀ ଅଛି। ବର୍ଷକୁ ହାରାହାରି ୭୧ ଦିନ ବର୍ଷା ହେଉଥିବା ବେଳେ ପରିମାଣ ପ୍ରାୟ ୧୩୪୦ ମିଲିମିଟର। ଏହା ସତ୍ତ୍ୱେ ଜିଲାର ଚାଷ ଉପଯୋଗୀ ୧,୮୨, ୧୮୪ ହେକ୍ଟର ଜମିକୁ ଜଳ ପରିଚାଳନାରେ ଅଭାବ ରହିଛି। ଏ ସମ୍ପର୍କରେ କୃଷକନେତା ଗୟାଧର ଧଳ କୁହନ୍ତି ଯେ, ରାଜ୍ୟ ସରକାରଙ୍କ କୃଷି ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହେବାରେ ଅଭାବ ରହିଛି। ଜିଲାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଚାଷ ଉପରେ ନିର୍ଭରଶୀଳ। କିନ୍ତୁ ଜଳ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଚାଷ ସର୍ବଦା କ୍ଷତିଗ୍ରସ୍ତ ହେଉଛି। ବିଭିନ୍ନ ଅଞ୍ଚଳର ତଳିଆ ଜମିରୁ ଜଳ ନିଷ୍କାସିତ ହୋଇ ପାରୁନାହିଁ। ପ୍ରତିବର୍ଷ ବନ୍ୟା ଓ ବାତ୍ୟା ସମୟରେ ଏହି ଜମିରେ ମାସାଧିକ କାଳ ପାଣି ଜମି ରହୁଛି। ଫଳରେ ଫସଲ ନଷ୍ଟ ହେଉଛି। ଅପରପକ୍ଷରେ ଜିଲାର ପ୍ରାୟ ୮୦ ହଜାର ହେକ୍ଟର ଉଚ୍ଚ ଜମି। ଏଠାରେ ପାଣି ଅଭାବ ଫସଲ ଉତ୍ପାଦନରେ ବାଧା ସୃଷ୍ଟି କରୁଛି। ଅଧିକାଂଶ ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଚଳ ହୋଇଥିବା ବେଳେ ଏହାର ମରାମତି ବାବଦ ଅର୍ଥ ହରିଲୁଟ ହେଉଛି। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କୁହନ୍ତି ଯେ, ଜିଲାର ଆଳି, ରାଜକନିକା, ରାଜନଗରରେ କେନାଲ ନାହିଁ। ଅପରପକ୍ଷରେ ପୂର୍ବରୁ ଚାଷ ଓ ଜନଜୀବନ ଚଳାଚଳ ପାଇଁ ଜିଲାବାସୀ କେନ୍ଦ୍ରାପଡା କେନାଲ, ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଉପରେ ନିର୍ଭର କରୁଥିଲେ। ଏହାର ଉନ୍ନତିକରଣ ନାମରେ ଦୀର୍ଘଦିନ ଧରି ଜଳ ପ୍ରବାହକୁ ରୋକି ଦିଆଯାଇଛି। ଏଥିସହ କେନ୍ଦ୍ରାପଡା କେନାଲ, ଜମ୍ବୁ କେନାଲ, ଗୋବରୀରେ ବିଲାତି ଦଳ ଭରପୁର ଥିବାରୁ ତଳମୁଣ୍ଡ କ୍ଷେତକୁ ପାଣି ଯିବା ସମ୍ଭବ ନୁହେଁ। ଅପରପକ୍ଷରେ ଉନ୍ନତୀକରଣ ହେଉଥିବା ପଟ୍ଟାମୁଣ୍ଡାଇ କେନାଲ ଓ କେନ୍ଦ୍ରାପଡା କେନାଲ କାର୍ଯ୍ୟରେ ବହୁ ଅର୍ଥ ଠିକା ସଂସ୍ଥା ଓ ପ୍ରଶାସନିକ ଅଧିକାରୀ ଦୁର୍ନୀତି କରିଥିବା ଅଭିଯୋଗ ସତ୍ତ୍ୱେ ଏହାର ପ୍ରତିକାର ବ୍ୟବସ୍ଥା ହେଉନାହିଁ। ଫଳରେ ଆଗାମୀ ଦିନରେ ଏହାର ଜଳଧାରଣ କ୍ଷମତା ନଷ୍ଟ ହେବାକୁ ଯାଉଛି। ଏଥିସହିତ ଜିଲାରେ ହରଡ, ଗହମ, ସୋରିଷ, ଆଖୁ, ପନିପରିବା ଭଳି ଅର୍ଥକାରୀ ଫସଲକୁ ଜଳ ଯୋଗାଇ ଦିଆ ଯାଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ଜିଲା ଜନସୁରକ୍ଷା ମଞ୍ଚ ସଭାପତି ତଥା ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କୁହନ୍ତି ଯେ, ଜିଲାରେ ପ୍ରବାହିତ ନଦୀର ମଧୁର ଜଳ ଉପାନ୍ତରେ ଥିବା ସମୁଦ୍ରରେ ମିଶିଯାଉଛି। ମାର୍ଶାଘାଇଠାରେ ଲୁଣା ଓ ଚିତ୍ରୋତ୍ପଳା ନଦୀ, ଭୂତମୁଣ୍ଡାଇ ଠାରେ ମହାନଦୀ ଓ ପଟ୍ଟାମୁଣ୍ଡାଇ ଅଳଭା ଠାରେ ବ୍ରାହ୍ମଣୀ ନଦୀ ଉପରେ ବ୍ୟାରେଜ ନିର୍ମାଣର ଆବଶ୍ୟକତା ଅଛି। ଏନେଇ ମଞ୍ଚ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ୨୦୧୬ ମସିହାରେ ଏନେଇ ତଦନ୍ତ କରାଯାଇ ବ୍ୟାରେଜ ହେବ ବୋଲି ଜଳସେଚନ ବିଭାଗ ପକ୍ଷରୁ ଏକ ଚିଠି ଆସିଥିଲା। ତେବେ ଗତ ଦୁଇବର୍ଷ ମଧ୍ୟରେ ଥରେ ହେଲେ ଏନେଇ ତଦାରଖ ହୋଇନାହିଁ। ଏହି ବ୍ୟାରେଜ ନିର୍ମାଣ ହେଲେ ଜିଲାର ୮୦ ଭାଗ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରିବ। ଜିଲା କୃଷି ଉପନିର୍ଦ୍ଦେଶକ ଶରତଚନ୍ଦ୍ର ସାହୁ ଏନେଇ କୁହନ୍ତି ଯେ, ଜିଲାର ୧ ଲକ୍ଷ ୬୦ ହଜାର ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମିକୁ ଜଳସେଚିତ କରାଯାଇଛି। ଯେଉଁ ସ୍ଥାନରେ ଜଳବନ୍ଦୀ ଅବସ୍ଥା ଅଛି, ସେନେଇ ବିଭିନ୍ନ ଯୋଜନାରେ ନାଳ ଓ କେନାଲ ଖୋଳା ଚାଲିଛି। ଏହାର ସୁଫଳ ଆଗାମୀ ଦିନରେ ଜିଲାବାସୀଙ୍କୁ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

# ସତ୍ୟସାଇଙ୍କ ପ୍ରେମ ପ୍ଲାବନ ରଥ ପରିକ୍ରମା

**ମାର୍ଶାଘାଇ, ୧୭।୧୧ (ଡି.ଏନ୍.ଏ.)**

ସତ୍ୟସାଇ ବାବାଙ୍କ ୯୪ତମ ଜନ୍ମୋତ୍ସବ ଉପଲକ୍ଷେ ଗୁରୁବାର ମାର୍ଶାଘାଇ ବ୍ଲକରେ ସତ୍ୟସାଇ ପ୍ରେମ ପ୍ଲାବନ ରଥ ଗୁରୁବାର ପରିକ୍ରମା କରିଥିଲା। ଏହି ରଥ ଜଗତ୍‌ସିଂହପୁର ଅଞ୍ଚଳ ପରିକ୍ରମା କରି କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟରେ ପହଞ୍ଚିଥିଲା। ଏହାପରେ ସମସ୍ତ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ରଥ ବାହାରି କୁସୁନପୁର, ବିରଭଦ୍ରପୁର, ତୁଳସୀପୁର, କାନପୁର, ଦୁମୁକା, ବାଘଡିଆ, ମଣିକୁଣ୍ଡା, ପେହେଣ୍ଟା, କଣକଷୋଟି, ମାର୍ଶାଘାଇ ବ୍ଲକ ଛକ ଓ ଭୁଣ ଗ୍ରାମ ପରିକ୍ରମା କରିଥିଲା। ଏହା ପରେ ମାର୍ଶାଘାଇ ବଜାର, କୁମ୍ଭାରସାହି, ଲକ୍ଷ୍ଛକ ଦେଇ ଗାଁ ମାର୍ଶାଘାଇ ପରିକ୍ରମା କରି ଶିବମନ୍ଦିର ନିକଟ ସତ୍ୟସାଇ ମନ୍ଦିରରେ ପରିକ୍ରମା ଉଦ୍‌ଯାପିତ ହୋଇଥିଲା। ବିଭିନ୍ନ ଗ୍ରାମ ଏବଂ ଛକରେ ଶ୍ରଦ୍ଧାଳୁମାନେ ଏହି ରଥକୁ ହୁଳହୁଳି, ହରିବୋଲ ପକାଇ ସ୍ୱାଗତ କରିଥିଲେ। ଏହି ରଥ ପରିକ୍ରମା ବେଳେ କେନ୍ଦ୍ରାପଡ଼ା ଜିଲା ସଂଗଠନ ସଭାପତି ଚନ୍ଦ୍ରମଣି ସାହୁ, ମୌର୍ଯ୍ୟଶ୍ରୀ ସ୍ୱାଇଁ, ପ୍ରିୟରଞ୍ଜନ ନାୟକ, ଦମୟନ୍ତୀ ସ୍ୱାଇଁ, ଲୀନା ମଳିକ, ନୟନା ମଳିକ, ସତ୍ୟରଞ୍ଜନ ଦଳାଇ, ସାଇକ୍ରୀଷ୍ଣା ସ୍ୱାଇଁ, ଅସିତ୍ ମହାରଣା, କୃତୀବାସ ମଳିକ, ବିକଳି ବେହେରାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଭାଗ ନେଇଥିଲେ।

■ ରାଜନଗରରେ ଠିକାଦାର ସଂଘ ବୈଠକ

# ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ନିଷ୍ପତ୍ତି

**ରାଜନଗର, ୧୭।୧୧ (ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଠିକାଦାରମାନେ।

୧୦ଦଫା ଦାବି ନେଇ ଶନିବାର ରାଜନଗର ଠିକାଦାର ସଂଘର ବୈଠକ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ସରକାର ଦାବି ପୂରଣ ନ କରିବା ଯାଏଁ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଠିକାଦାରମାନେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ଠିକାଦାର ରବୀନ୍ଦ୍ର ନାଥ ପାତ୍ରଙ୍କ ପୌରୋହିତ୍ୟରେ ଠିକାଦାରମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ସରକାର ଠିକାଦାରଙ୍କ ନ୍ୟାଯ୍ୟ ଦାବି ପୂରଣ କରିବାରେ ବିଳମ୍ବ ଓ ଟାଳଟୁଳନୀତି ଗ୍ରହଣ କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିଖିଳ ଓଡିଶା ଠିକାଦାର ମହାସଂଘ ପକ୍ଷରୁ ଦିଆଯାଇଥିବା ସମସ୍ତ ଠିକାଦାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଡାକରାକୁ ରାଜନଗର ଠିକାଦାର ଆସୋସିଏଶନ ପୂର୍ଣ୍ଣ ସମର୍ଥନ ଜଣାଇଥିଲା। ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀ ପ୍ରଚଳନ, ଶ୍ରମିକ ମଜୁରିର ଉଚିତ୍ ନିର୍ଦ୍ଧାରଣ, ଜିଏସଟି ପାଇଁ ୧୦ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ, ରୟାଲିଟି ରସିଦ ଦାଖଲ ନିର୍ଦ୍ଦେଶର ପ୍ରତ୍ୟାହାର ଆଦି ୧୦ଦଫା ଦାବି ନେଇ ଆଲୋଚନା କରାଯାଇଥିଲା। ଠିକାଦାରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ରବୀନ୍ଦ୍ର ନାଥ ପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଜେନା, ବାପୁଜୀ ପାତ୍ର, ବିଭୂତି ଭୂଷଣ ଜେନା, ଭୀମସେନ ସାହୁ, ସରୋଜ କୁମାର ନାଥ, ସତ୍ୟଜିତ ପାତ୍ର, ସତ୍ୟ ନାରାୟଣ ନାୟକ, ବିକ୍ରମ ବାରିକ, ଗୋଲେଖ ଚନ୍ଦ୍ର ପ୍ରଧାନଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା।

# ପୁନଃ ତଦନ୍ତ ପ୍ରତିଶ୍ରୁତି ପାଇ ଫନୀ କ୍ଷତିଗ୍ରସ୍ତ ଧାରଣାରୁ ଉଠିଲେ



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ କ୍ଷତିଗ୍ରସ୍ତ ପରିବାର।

**ଡେରାବିଶ, ୧୭।୧୧ (ସ୍ୱ.ପ୍ର.)**

-ଫନୀ ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ନେଇ ପୁନର୍ବାର ତଦନ୍ତ କରାଯିବାର ପ୍ରତିଶ୍ରୁତି ମିଳିବା ପରେ କ୍ଷତିଗ୍ରସ୍ତ ପରିବାର ଶନିବାର ଧାରଣାରୁ ଉଠି ଯାଇଛନ୍ତି। ଡେରାବିଶ ତହସିଲ ଅଧୀନ ଇନ୍ଦାଳୋ ପଞ୍ଚାୟତରେ ଫନୀ ବାତ୍ୟା ପରେ ହୋଇଥିବା ସରକାରୀ ତଦନ୍ତରେ ବହୁ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବି କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାରଠାରୁ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ହରିଅଙ୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଶନିବାର ରାଜସ୍ୱ ନିରୀକ୍ଷକ ଅଭିମନ୍ୟୁ ମଲ୍ଲିକ ଧାରଣାକାରୀଙ୍କ ସହ ଆଲୋଚନା କରି ତହସିଲର ସୁପରଭାଇଜର ପ୍ରମୋଦ କୁମାର ସାହୁଙ୍କୁ ଅବଗତ କରାଇଥିଲେ। ପରେ ସାହୁ ଧାରଣାସ୍ଥଳକୁ ଆସି ଫନୀ ତଦନ୍ତରେ ହୋଇଥିବା ଅନିୟମିତତା ସମ୍ପର୍କରେ ସେମାନଙ୍କ ଠାରୁ ଶୁଣିଥିଲେ। ପରେ ଧାରଣାକାରୀଙ୍କ ମଧ୍ୟରୁ ପ୍ରତିନିଧି ଅଶ୍ୱିନୀ କୁମାର ମହାନ୍ତି ଓ ସନାତନ କର ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଅଭିଯୋଗକାରୀଙ୍କ କ୍ଷୟକ୍ଷତିର ପୁନଃ ତଦନ୍ତ ପାଇଁ ସୁପରଭାଇଜର ସାହୁଙ୍କୁ ଦାୟିତ୍ୱ ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଇନ୍ଦାଳୋ ପଞ୍ଚାୟତର କେଦାର ମହାନ୍ତି, ବିଭୂତି ଭୂଷଣ ସାମନ୍ତରାୟ, ନିର୍ମଳା ନାୟକ, ପ୍ରଫୁଲ୍ଲ କୁମାର ଜେନା, ସୁକାନ୍ତ କୁମାର ସାମନ୍ତରାୟ, ସୁଧାଂଶୁ କୁମାର ପ୍ରଧାନ, ବୈରାଗୀ ଚରଣ ସ୍ୱାଇଁ, ଶିବ ପ୍ରସାଦ ରାଉତ, ଅଜୟ କୁମାର ପରିଡ଼ା, ସୁବାସ ବେହେରା, ଶ୍ୟାମସୁନ୍ଦର ସାହୁ, ସୁଶାନ୍ତ କୁମାର ମଲ୍ଲିକ, ପୁରସ୍ତମ ମଲ୍ଲିକ ପ୍ରମୁଖ ଧାରଣରେ ବସି ରହିଥିଲେ। ଏମାନଙ୍କୁ ନୈତିକ ସମର୍ଥନ ଜଣାଇ ଇନ୍ଦାଳୋ ପଞ୍ଚାୟତ ପୂର୍ବତନ ସରପଞ୍ଚ ପୁଷ୍ପରାଣୀ ସ୍ୱାଇଁ, ଅଶ୍ୱିନୀ କୁମାର ମହାନ୍ତି ମଧ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା।

# ଜିଲାସ୍ତରୀୟ ଲୋକ ଅଦାଲତ : ୬୨୪ ମାମଲା ଫଇସଲା

**କେନ୍ଦ୍ରାପଡା ଅଫିସ, ୧୭।୧୧**

କେନ୍ଦ୍ରାପଡା କୋର୍ଟ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୬୨୪ଟି ମାମଲାର ଫଇସଲା ହୋଇଛି। ଲୋକ ଅଦାଲତ ପାଇଁ ଦେୱାନୀର ୧୪ଟି ମାମଲା ଗ୍ରହଣ କରାଯାଇଥିବା ବେଳେ ୮ଟି ମାମଲାର ସମାଧାନ ହୋଇଛି। ଏହି ମାମଲାଗୁଡିକରେ ୬,୦୩,୮୯୩ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗ୍ରହଣ କରାଯାଇଥିବା ୨୧ଟି ଫୌଜଦାରୀ ମାମଲାରୁ ୩ଟି ସମାଧାନ ହୋଇଛି। ପାରିବାରିକ ୧୭ ମକଦ୍ଦମାରୁ ୯ର ସମାଧାନ ହୋଇଛି। ଏଥିସହ ୬୫୬ ତହସିଲ ମାମଲାରୁ ୫୧୨ଟି ମାମଲା ସମାଧାନ ହୋଇ ୩୨୬୮୯୦ ଟଙ୍କା ଆଦାୟ ହୋଇଛି। ଏଡିଜେ ଏମ. ଆର. ଦୋରା, ସିନିୟର ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ, ସିନିୟର ଜଜ୍ ପଦ୍ମଲୋଚନ ବଡଜେନା, ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ବେହେରା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ଏସଡିଜେଏମ ଦିଗବିଜୟ ଦାସ, ଜେଏମଏଫସି ଶର୍ମିଷ୍ଠା ଜେନା, ଜେଏମଏଫସି ପାରସ ପାଢୀ, ଜେଏମଏଫସି ସରିତା ପଣ୍ଡା, ଜେଏମଏଫସି ଜରୀନ ଖାନ ଏହି ମାମଲାଗୁଡିକର ବିଚାର କରିଥିଲେ।

# ଗୋ ଚିକିତ୍ସା ଶିବିର : ୧୦୬ ଗୋରୁଙ୍କୁ ଟିକାକରଣ



ବେତବେଲାରୀ ଗ୍ରାମରେ ଅନୁଷ୍ଠିତ ଗୋ ଚିକିତ୍ସା ଶିବିର।

**ମହାକାଳପଡା, ୧୭।୧୧ (ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅଧୀନ ବଉଳକଣୀ ପଞ୍ଚାୟତର ସ୍ଥାନୀୟ ବେତବେଲାରୀ ଗ୍ରାମରେ ଶନିବାର ଏକ ଗୋ ଚିକିତ୍ସା ଶିବିର ଓ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଫକୋ ଓ ଆଇଏଫଏଫ୍‌ଡିସି ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ୧୦୬ ଗୋରୁଙ୍କୁ ଟିକାକରଣ କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସାଧାରଣତଃ ଶୀତଦିନେ ଗୋରୁଙ୍କୁ ଫାଟୁଆ, କୃମି ଆଦି ରୋଗ ସଂକ୍ରମଣ ହୋଇଥାଏ। ଆଗୁଆ ଟୀକା କରାଯାଇ ଅନେକାଂଶରେ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ। ମହାକାଳପଡା ସହକାରୀ ପ୍ରାଣୀ ଚିକିତ୍ସକ ଡା. ସ୍ମୃତିରଞ୍ଜନ ରାଉତ, କ୍ଷେତ୍ର ଅଧିକାରୀ ଅଜୟ କୁମାର ବଳବନ୍ତରାୟ, ଗୀତାଞ୍ଜଳି ପାଇଟାଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୧୭।୧୧**

କେନ୍ଦ୍ରାପଡା ଜିଲା ରାଜସ୍ୱ କର୍ମଚାରୀ ସଂଘର ତ୍ରୟୋବାର୍ଷିକ ସମ୍ମିଳନୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦୀନବନ୍ଧୁ ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକର୍ତ୍ତା ପ୍ରଭଞ୍ଜନ ମିଶ୍ର, ଅଶୋକ କୁମାର ମହାନ୍ତି, କିରଣ କୁମାର କାନୁନ୍‌ଗୋ, ମନୋଜ କୁମାର ବେହେରା, ଦିବାକର ମହାନ୍ତି, ସୁଶାନ୍ତ ବଳ ଯୋଗଦେଇ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ବସନ୍ତ ଓଝା, ନିରଞ୍ଜନ ସିଂହ, ପ୍ରେମଲତା ଗିରି, ସୁରଜମୁନି ହାଁସଦା ପ୍ରମୁଖ କର୍ମଚାରୀ ସଂଘର ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ରାଜସ୍ୱ ବିଭାଗର କାର୍ଯ୍ୟରତ ଓ ପୂର୍ବତନ କର୍ମଚାରୀ ଯୋଗ ଦେଇଥିଲେ।

# ୧୯ରେ ଭିନ୍ନକ୍ଷମ ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଯୋଗିତା

**କେନ୍ଦ୍ରାପଡା ଅଫିସ, ୧୭।୧୧**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଭିନ୍ନକ୍ଷମ ସ୍ୱତନ୍ତ୍ର କ୍ରୀଡା ପ୍ରତିଯୋଗିତା ଆସନ୍ତା ୧୯ରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ବୈଠକରେ ଶାରୀରିକ, ଶ୍ରବଣବାଧିତ, ଦୃଷ୍ଟିବାଧିତ, ମାନସିକ ଅନଗ୍ରସର ବିଭାଗର କନିଷ୍ଠ ଓ ବରିଷ୍ଠ ବର୍ଗର ବାଳିକା ଓ ବାଳକଙ୍କ ନିମନ୍ତେ ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିଯୋଗିତାରେ ହୁଇଲ ଚେୟାର ରେସ, ୫୦ ମିଟର ଓ ୧୦୦ ମିଟର ଦୌଡ, ଲମ୍ବା ଓ ଉଚ୍ଚ ଡିଆଁ, ବକେଟ ବଲ, ସଟପୁଟ ଥ୍ରୋ, ସଟବଲ ଥ୍ରୋ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ଜିଲାପି ଦୌଡ, ଅର୍ଡମ୍ୟାନ ଆଉଟ ପ୍ରତିଯୋଗିତା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ବିଭାଗର ପ୍ରଥମ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ପଠାଯିବ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ବୈଠକରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା, ପ୍ରଭାସ ଚନ୍ଦ୍ର ଦାସ, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ବିଭିନ୍ନ ହାଇସ୍କୁଲର କ୍ରୀଡାଶିକ୍ଷକ, ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବିଶ୍ୱ ଶ୍ରମ ଦିବସ

**ପଟ୍ଟାମୁଣ୍ଡାଇ, ୧୭।୧୧ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ରବିବାର ବିଶ୍ୱ ଶ୍ରମ ଦିବସ ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପୋଲିସ୍ ଓ କର୍ମଚାରୀ ଥାନା ପରିସର ସଫେଇ କରିଥିଲେ। ଏଥିସହିତ ପରିସର ମଧ୍ୟରେ ଥିବା ମିନି ପାର୍କର ଫୁଲ ଗଛ ରକ୍ଷଣାବେକ୍ଷଣ କରିଥିଲେ।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



✓ ବରୁଣ ବିଶ୍ୱଭୂଷଣ
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୦.୧୦.୧୯୮୬
ତିରୋଧାନ : ୧୮.୧୧.୨୦୧୭
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା। ଆମକୁ ଏକା ଛାଡି ତୁ ଚାଲିଗଲୁ। ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ମାଆ, ବାପା ଏବଂ ଆତ୍ମୀୟସ୍ୱଜନ
ଧ-୬୮୦୨୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁବାଷ ଦାସ
ବରଦାସାହି, ବ୍ରହ୍ମବରଦା, ବ୍ଲକ- ରସୁଲପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୦୮।୧୧।୨୦୧୯
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସହେଉ। ଶିକ୍ଷା କ୍ଷେତ୍ରରେ ତୁମର ସାଧନା ଯୁଗଯୁଗକୁ ସ୍ମରଣୀୟ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଚିତ୍ତ ରଞ୍ଜନ ଦାସ, ବୋହୂ: କୁନ୍ତୁମୀନା ମହାନ୍ତି, ନାତି: ଚିରନ୍‌ଜୀବ୍ ଦାସ, ନାତୁଣୀ: ଚେଲେସା ଦାସ, ଝିଅ, ଜ୍ୱାଇଁ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ପ୍ରିୟଜନଗଣ।
ଧ-୧୫୨୯୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇ. ଶଚ୍ଚିନନ୍ଦନ ଦାସ
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
(ଷଷ୍ଠୀ ମାର୍ଗଶିର ମାସ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ।
ଧ-୧୫୧୬୯

**ତୃତୀୟ ପୁଣ୍ୟତିଥି**



ସ୍ୱର୍ଗତା ମନି ସାମନ୍ତରାୟ
ଆବିର୍ଭାବ: ୧୮।୧୧।୧୯୫୭
ତିରୋଧାନ: ୧୮।୧୧।୨୦୧୬
ମାମି, ଆଜି କି ୩ବର୍ଷ ହେଲା, ଆମକୁ ଛାଡ଼ି ଦିବ୍ୟଧାମକୁ ଚାଲିଗଲ। ତୁମରି ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତୁମର ଅମରଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ: ଶ୍ରୀମନ୍ତ, ସନ୍ତୋଷ, ବୋହୂ: ସୁଜାତା, ସୋନାଲି, ଝିଅ: ଶର୍ମିଷ୍ଠା, ଜ୍ୱାଇଁ: ସୁଶାନ୍ତ, ଭଣଜା: ରାଜା, ନାତୁଣୀ: ସୁଶ୍ରୀ, ଶ୍ରୀମା, ସମୃଦ୍ଧି, ଶରନ୍ୟା, ନାତି: ସୂର୍ଯ୍ୟାଂଶୁ, ଶାଶ୍ୱତମନିଷ।
ଧ-୧୫୨୯୫

**୮୦ତମ ଜନ୍ମଦିନ ଶୁଭେଚ୍ଛା**



ମାଳତୀ ଲତା ଦାଶ
ଗ୍ରା: ଦୁର୍ଗାପୁର ଗଡ଼ିଅଂଗ, କଟକ
୮୦ବର୍ଷର ଜନ୍ମଦିନ ଉପଲକ୍ଷେ ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ନୀରୋଗ ରଖନ୍ତୁ।
ଶୁଭେଚ୍ଛା ସହ: ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୦୯

ODISHA INDIA'S BEST KEPT SECRET.
**Government of Odisha**
**Department of Tourism**
No. 10010 /, Bhubaneswar, Date 16.11.2019
ଟି.ଏଏଫ-ହି(ଡ)-୪୦/୧୭

**Expression of Interest (EoI) for Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis**

No.R:- Department of Tourism intends to elevate the tourism potential of Chandrabhaga beach by provisioning new tourist facilities and services at the beach through public private participation. In this background, Expression of Interest (EoI) is invited from eligible agencies for the project 'Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis'.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website www.odishatourism.gov.in.

37001/11/0027/1920 Sd./- Director, Tourism

## ସଂକ୍ଷେପରେ

### ଆଦିବାସୀ ପରିବାରକୁ ଭେଟିଲେ ୟୁଏନ୍‌ଡିପି ସଦସ୍ୟ

**ସୁକିନ୍ଦା,୧୭।୧୧(ଡି.ଏନ୍.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦୁଧୁଯୋରୀ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଦ୍ରୌପଦୀ ଚାମ୍ପିଆଙ୍କ ପିତାଙ୍କ ମୃତ୍ୟୁ ପରେ ମା' କେଉଁଆଡେ ଚାଲିଯାଇଥିଲେ। ଏହାପରେ ଚାମ୍ପିଆ ଭାଇ ସପନି(୧୭), ଶିବ(୧୦),ଦେବ(୮) ଓ ଭଉଣୀ ମାଳତୀ- ସୁମିତ୍ରା (୧୩) ଙ୍କଭରଣ ପୋଷଣ କରିଥିଲେ। ଅଭାବ ଅନଟରେ ଦିନ କାଟୁଥିବାବେଳେ ଘରେ ଖଣ୍ଡେ କରି ନ ପାରିବାରୁ ବର୍ଷ ତମାମ ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଥିଲେ। ଏହାଜାଣିବା ପରେ ଦୁଧୁଯୋରୀ ପଞ୍ଚାୟତର ଭିଏଲଡବ୍ଲ୍ୟୁ ନିମାଇଁ ଚରଣ ଜେନା ପରିବାରକୁ ଭେଟି ଘଟଣାର ଅନୁଧାନ କରି ତତ୍କାଳୀନ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ଅବଗତ କରିଥିଲେ। ବିଡିଓ ମିଶ୍ର ଘଟଣାକୁ ଗୁରୁତର ସହ ଗ୍ରହଣ କରି ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକ ସପ୍ତାହ ମଧରେ ପକ୍କା ଘର ଯୋଗାଇଦେବାକୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ହେଲେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଚାମ୍ପିଆ ଘର କରିବାକୁ ସମର୍ଥ ହୋଇ ନ ଥିଲେ। ଏଭଳିସ୍ଥିତିରେ ଭିଏଲଡବ୍ଲ୍ୟୁ ଜେନା ଘର ନିର୍ମାଣର ସମସ୍ତ ସହଯୋଗ କରି ଘର ସମ୍ପୂର୍ଣ୍ଣ କରିଥିଲେ। ସରକାରଙ୍କ ତରଫରୁ ମିଳୁଥିବା ନ୍ୟାସନାଲ ଫ୍ୟାମିଲି ବେନିଫିଟ୍ ସ୍କିମ (ଏନ୍‌ଏଫବିଏସ)ରେ ୨୦ ହଜାର ଟଙ୍କା ଯୋଗାଇ ଦେବା ସହ ଦ୍ରୌପଦୀଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସଭ୍ୟା କରାଇବା ସହ ଶୌଚାଳୟଠାରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ଯୋଗାଇଥିଲେ। ଯାହାକୁ ଆଧାରକରି ଶନିବାର ୟୁଏନ୍‌ଡିପି( ୟୁନାଇଟେଡ୍ ନେଶନ ଡେଭଲପମେଣ୍ଟ ପ୍ରୋଗ୍ରାମ) ଅଧିକାରୀ ମାନସ ମିଶ୍ର , ରେଣୁ ଶର୍ମାଙ୍କ ସହ ୪ଜଣିଆ କମିଟି ସୁକିନ୍ଦା ଗସ୍ତ କରି ଚାମ୍ପିଆଙ୍କ ପରିବାରଙ୍କୁ ଭେଟିଛନ୍ତି। ଏଥିସହ ସପନି,ମାଳତି,ଶିବ ଏବଂ ସାନ ପୁଅ ଦେବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ଆଦିବାସୀ ପରିବାର ବର୍ଗଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ୟୁନ୍‌ଡିପି ସଦସ୍ୟ ଅଧିକାରୀ ମାନସ କହିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚର ଜନସଚେତନତା ଶୋଭାଯାତ୍ରା

**ଧର୍ମଶାଳା,୧୭।୧୧(ଡି.ଏନ୍.ଏ.):** ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ଯୋଇଯାଇଛି। ଏହି ଶୋଭାଯତ୍ରା ମାଧମରେ ମଞ୍ଚ ପକ୍ଷରୁ ବାହାରେ ମଳତ୍ୟାଗ ନିଷେଦ୍ଧ ଓ ମଦ୍ୟପାନ ବିରୋଧ କରାଯାଇ ସଚେତନତା କରାଯାଇଛି। ଧର୍ମଶାଳା ବ୍ଲକ ଶାନ୍ତିବଜାରଠାରୁ ଶୋଭାଯାତ୍ରା ବାହାରି ନାଉପାଳ, ଦୁବଗାଡ଼ିଆ, ଉତ୍ତରଶାସନ ଗ୍ରାମ ପରିକ୍ରମାକରି ଅମରେଶ୍ୱରୀ ମଣ୍ଡପଠାରେ ଏକ ସଚେତନତା ସଭା କରିଥିଲା। ଅବସରପ୍ରାପ୍ତ ବିଚାରପତି ତଥା ନାଗରିକ ମଞ୍ଚର ସଭାପତି ଗୟାଧର ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟରେ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ବିଶ୍ୱାଳ, ଅଭୟାନନ୍ଦ ସାରଦା, କରୁଣାକର ବରାଳ, ବିବେକାନନ୍ଦ ନାୟକ, ଗୋଲକ ଚନ୍ଦ୍ର ପଲେଇ, ଭିକାରୀ ଚରଣ ମଲିକ, ଧରଣୀଧର ମହାନ୍ତି, ସୁଦର୍ଶନ ଶତପଥୀ, ରିୟାଜୁଲ ହକ, ମଧୁସୂଦନ ସାହୁ, ପୀତବାସ ପାତ୍ର, ଅଜୟ ମହାପାତ୍ର, ନୃସିଂହ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ସଫେଇ ଅଭିଯାନ

**ବରୀ,୧୭।୧୧(ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ ବାଲିଆପାଳସ୍ଥିତ ବିଧାନଚନ୍ଦ୍ର ଏକାଡ଼େମୀର ୧୯୮୭ ବ୍ୟାଚ୍‌ର ଛାତ୍ରୀଛାତ୍ର ମିଳିତଭାବେ ଗୁରୁବାର ବିଦ୍ୟାଳୟ ପରିସର ସଫେଇ କରିଛନ୍ତି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ ଆଗାମୀ ଦିନରେ ସଫେଇ ଅଭିଯାନ ଜୋରଦାର କରାଯିବ ବୋଲି କହିଛନ୍ତି। ଏହି ଅବସରରେ ସାଥୀ ଶିଶିରା କରଙ୍କ ସ୍ୱାମୀଙ୍କ ଅକାଳ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କୁ ଭେଟି ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ବ୍ରଜ୍ ମୋହନ ସାହୁ, ସନ୍ତୋଷ ସାହୁ, ଶେଷଦେବ ମହାନ୍ତି, ଅଜୟ ମଲ୍ଲିକ, ନୀଳିମା କର, ସୁରେଶ ଦାସ ପ୍ରମୁଖ ଛାତ୍ରୀଛାତ୍ର ଏହାର ନେତୃତ୍ୱ ନେଇଥିଲେ।

# ସରକାରୀ ଜମିରେ ବେଆଇନ ବାଚିଂ ପ୍ଲାଣ୍ଟ

- ରାସ୍ତାକଡ଼ରେ ଚାଲିଛି ପ୍ଲାଣ୍ଟ
- ମେଶିନରେ ମିଶ୍ରଣ ଗୋଳାଇବା ସମୟରେ ଉଡ଼ୁଛି ଗୁଣ୍ଡ
- ହଇରାଣ ହେଉଛନ୍ତି ପଥଚାରୀ, ପ୍ରଶାସନ ନୀରବ

**ଡୁବୁରୀ,୧୭।୧୧(ଡିଏନଏ)**

ସମସ୍ତ ସରକାରୀ ନୀତି ନିୟମକୁ ଭ୍ରୂକ୍ଷେପ ନ କରି ବେଆଇନଭାବେ ସରକାରୀ ଜମିରେ ଦୀର୍ଘଦିନ ହେଲା ଚାଲୁଛି ଏକ ବାଚିଂ ପ୍ଲାଣ୍ଟ। ସ୍ଥାନୀୟ ପାରିପାର୍ଶ୍ୱିକ ସ୍ଥିତିକୁ ଦୃଷ୍ଟି ନ ଦେଇ ବର୍ଷାଧିକ କାଳ ହେଲା ଏହା ଚାଲିଥିଲେ ମଧ ଦାନଗଦୀ ବ୍ଲକ ରାଜସ୍ୱ ବିଭାଗର ନୀରବତା ସମସ୍ତଙ୍କୁ ଚକିତ କରିଛି। ଦାନଗଦୀ ରାଜସ୍ୱ ସର୍କଲର ଜାମୁପଶି ମୌଜାର ଡୁବୁରୀ –ନରଣପୁର ରାଜପଥ କଡ଼ରେ ଏହି କାରଖାନା ଚାଲିଥିଲେ ମଧ ଏହା ଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନ ପଡୁନାହିଁ। ଡୁବୁରୀ–ନରଣପୁର ପୂର୍ତ୍ତ ବିଭାଗ ରାସ୍ତାର ଜନଗହଳିପୂର୍ଣ୍ଣ ବିଆରପିଏଲ ଛକ ନିକଟରେ ଏହି ବାଚିଂ ପ୍ଲାଣ୍ଟ ସ୍ଥାପିତ ହୋଇଥିବାରୁ ବିଭିନ୍ନ ସମସ୍ୟା ଲାଗିରହୁଛି। ଯାହାକି ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ଏହାକୁ ବନ୍ଦ କରିବା ପାଇଁ ନଡିଆଭଙ୍ଗା ପଞ୍ଚାୟତର ଲୋକେ ଜିଲାପାଳଙ୍କ ନିକଟରେ ବହୁ ପୂର୍ବରୁ ଦାବି କରିଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନକୁ ଭକୁଆ ବନେଇ ଜାମୁପଶି ନିକଟରେ ଡୁବୁରୀ–ନରଣପୁର ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ଟେକ୍ସମୋ ନାମକ ଏକ ଅଣଓଡିଆ ଘରୋଇ କମ୍ପାନୀ ଏହି ସିମେଣ୍ଟ କଂକ୍ରିଟ ମିକ୍ସ କାରଖାନା ସ୍ଥାପନ କରିଛି। ଦାନଗଦୀ ତହସିଲଦାରଙ୍କୁ ଅନେକ ବାର ଅଭିଯୋଗ କରାଯାଇଥିଲେ ମଧ ସେ କୌଣସି ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୁକିନ୍ଦା–ଡୁବୁରୀ–ଅନୁଗୋଳ ରେଳ ପ୍ରକଳ୍ପ ପାଇଁ ନବନିର୍ମିତ ରେଲୱେ ରାସ୍ତା ଏବଂ ଫ୍ଲାଏ ଓଭରବ୍ରିଜ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା କଂକ୍ରିଟ ଯୋଗାଇବାକୁ ଠିକା ନେଇଥିବା ଟେକ୍ସମୋ କମ୍ପାନୀ ନିକଟରେ ସବୁ ନୀତିନିୟମ ଏବଂ ସରକାରୀ କଟକଣା ହାର ମାନିଛି। ଦାନଗଦୀ ରାଜସ୍ୱ ସର୍କଲର ଜାମୁପଶି ମୌଜାରେ ଦୀର୍ଘଦିନ ହେଲା ଟେକ୍ସମୋ କମ୍ପାନୀ ବାଚିଂ ପ୍ଲାଣ୍ଟ ସ୍ଥାପନ କରିଛି। ସରକାରୀ ଜମିରେ ମାଟି ପକାଇ ସ୍ଥାୟୀ ନିର୍ମାଣ କରାଯାଇ କାରଖାନା ସ୍ଥାପନ କରାଯାଇଛି। ଏହି ପ୍ଲାଣ୍ଟରେ ଫ୍ଲାଏ ଆସ, ସିଲିକା, ସ୍ଲାଗ ଏବଂ କଳାପଥରକୁ ମିଶ୍ରଣ କରାଯିବାକୁ ବ୍ୟବସ୍ଥା ରହିଛି। ରାସ୍ତାକଡ଼ରେ ପ୍ଲାଣ୍ଟ ରହିଥିବାରୁ ମେଶିନରେ ମିଶ୍ରଣ ଗୋଳାଇବା ସମୟରେ ଗୁଣ୍ଡ ଉଡିବା ସହ ପଥଚାରୀଙ୍କୁ ଅସୁବିଧାରେ ପକାଉଥିବା ଅଭିଯୋଗ ହୋଇଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ଏହାକୁ ସମ୍ପୂର୍ଣ୍ଣ ହାଲୁକାରେ ନେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କାରଖାନା ସ୍ଥାପନ ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗଠାରୁ କୌଣସି ଅନୁମତି ମଗାଯାଇ ନ ଥିବା କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ସମ୍ପୃକ୍ତ ସ୍ଥାନରେ ଏକ ଇଂଲିଶ ମିଡିୟମ ସ୍କୁଲ ଓ ବିଆରପିଏଲ କଲୋନୀ ଥିବାରୁ ବାଚିଂରୁ କଂକ୍ରିଟ ବୋଝେଇ କରି ବାହାରୁଥିବା ହାଇୱା ଗାଡିଗୁଡିକ ବିପଜ୍ଜନକଭାବେ ରାସ୍ତାକୁ ବାହାରୁ ଥିବାରୁ ଅନେକ ସମୟରେ ଦୁର୍ଘଟଣାର ଆଶଙ୍କା ଲାଗିରହୁଛି। ରାସ୍ତାକଡ଼ରେ ଏକ ସରକାରୀ ଜମିରେ ଅଣଓଡିଆ ଠିକା ସଂସ୍ଥାର ଏହି ମନୋମୁଖୀ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ଟେକ୍ସମୋ କମ୍ପାନୀ ଇଞ୍ଜିନିୟର ଦିଲୀପ ମେଟେୟା କହିଛନ୍ତି, ସବୁବେଳେ ଏହା କାର୍ଯ୍ୟ କରୁ ନ ଥିବାବେଳେ ଏହି କାରଖାନା ଦ୍ୱାରା କାହାର କୌଣସି ଅସୁବିଧା ହେଉ ନ ଥିବା କମ୍ପାନୀ ଅନୁଭବ କରିଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଦାନଗଦୀ ତହସିଲଦାର ବୁଲବୁଲ ବେହେରାଙ୍କୁ ପଚାରିବାରୁ, ଏନେଇ ସେ ସମ୍ପୃକ୍ତ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା ।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ ତଦ୍ରୂପ। ସେ ରାଜାଙ୍କୁ ମଧ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାସ୍ତା ପାର୍ଶ୍ୱରୁ ମାଟି ଉଠାଣକୁ ବିରୋଧ



ବିରୋଧରେ ସାମିଲ ହୋଇଥିବା ଗ୍ରାମବାସୀ।

**କାଳିଆପାଣି,୧୭।୧୧(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଅରଡ଼ାପାଳ ଗୋଡ଼ଭଙ୍ଗା ସାହିଠାରୁ ଦେଉଗାଁ ବାହାଳିସାହିକୁ ରାସ୍ତା କାମ ଆରମ୍ଭ ହୋଇଛି। ଏ ନେଇ ଦେଢବର୍ଷ ତଳେ ଟେଣ୍ଡର ହୋଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବହୁ ବିଳମ୍ବରେ ଠିକାଦାର କାମ ଆରମ୍ଭ କରିଥିବାବେଳେ ରାସ୍ତା ନିର୍ମାଣ ସ୍ଥଳରେ ସୂଚନା ଫଳକ ମଧ ଲଗାଯାଇ ନାହିଁ। ରବିବାର ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମାଟିକୁ ମେଶିନରେ କାଟି ରାସ୍ତାରେ ପକାଉଥିବାବେଳେ କେତେଜଣ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ହେଲେ ଠିକାଦାର ସେମାନଙ୍କୁ କାମରେ ବିରୋଧ କଲେ ଥାନାରେ ପୂରାଇଦେବା ନେଇ ଧମକ ଦେଇଥିଲେ। ଠିକାଦାରଙ୍କ ଏପରି ଦାଦାଗିରିକୁ ବିରୋଧ କରି ଗ୍ରାମବାସୀଙ୍କ ସହ ନିକଟସ୍ଥ ଗ୍ରାମର କେତେଜଣ ଲୋକେ ମିଳିତ ହୋଇ ବିରୋଧ କରିଥିଲେ। ଏହାପରେ ଠିକାଦାର କାମ ବନ୍ଦ କରିଦେଇଥିବା ଜଣାପଡିଛି। ଗ୍ରାମର ରାମ ଟୁଡୁ, ପରମାଲ ହେମ୍ବ୍ରମ, ଫତେ ସୋରେନ, ମଙ୍ଗଲୁ ଟୁଡୁ, ରାମ ହେମ୍ବ୍ରମ, ଧନେଶ୍ୱର ମାଝୀ, ମହାନ୍ତ ଖୁଣ୍ଟିଆ, ମଙ୍ଗଲୁ ଗାଗାରାଇ, ଛୋଟରାଇ ମାଝୀ, କୈଳାସ ଟୁଡୁ, କାହ୍ନା ମାରାଣ୍ଡି, ମନ୍ତ୍ରୀ ପ୍ରଧାନ, କାରେନ ଟୁଡୁଙ୍କ ସହ ଗ୍ରାମ ମୁଖିଆଙ୍କ ନେତୃତ୍ୱରେ ଶତାଧିକ ଲୋକେ ଏକତ୍ରିତିହୋଇ ବିରୋଧ କରିଥିଲେ। ଏ ନେଇ ଏକ ବୈଠକ କରାଯାଇ ନିୟମ ଅନୁସାରେ ଠିକାଦାର କାମ କରିବା ଏବଂ ସୂଚନା ଫଳକ ନ ଲଗାଇଲେ ରାସ୍ତାକାମକୁ ବିରୋଧ କରିବା ନେଇ ନିଷ୍ପତ୍ତି ପ୍ରକାଶ ପାଇଛି।

# 'ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ'

## ବିଜେଡିର ମିଶ୍ରଣ ପର୍ବ

**ବରୀ,୧୭।୧୧(ସ୍ୱ.ପ୍ର.)**

ବରୀ ନିର୍ବାଚନମଣ୍ଡଳୀ ଅଧୀନ ଅମଠପୁର ପଞ୍ଚାୟତର କମ୍ପଗଡ଼ ହାଟ ପଡ଼ିଆରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ବ୍ରଜକିଶୋର ଭଞ୍ଜଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରୀର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଭାଜପା ଓ କଂଗ୍ରେସ ବିଜେଡିର ବିରୋଧୀ ହୋଇଥିଲେ ମଧ ବିକାଶ ପାଇଁ ବିରୋଧୀ ଦଳର କର୍ମୀଙ୍କ ନିମନ୍ତେ ବିଜେଡିର ଦ୍ୱାର ସବୁବେଳେ ଖୋଲା ରହିଛି ବୋଲି ବିଧାୟିକା ଦାସ କହିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ଛାଡି ଅମଠପୁର ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ପ୍ରଶାନ୍ତ କୁମାର ଜେନା, ସୁଶାନ୍ତ କୁମାର ଜେନା, ଶିବପ୍ରସାଦ ଜେନା, ଗୌରାଙ୍ଗ ମଳିକ, ରସାନନ୍ଦ ମଳିକ, ନାରାୟଣ ଜେନା, ଅନିଲ୍ କୁମାର ଜେନା, ନିରଞ୍ଜନ ମଳିକ, ତିଳୋତ୍ତମା ଜେନା, ଅଭିମନ୍ୟୁ ସେଠୀ, ଚକ୍ରଧର ଦାସ, ହେମନ୍ତ ପଣ୍ଡା, ଅଜୟ କୁମାର ଦାସ, ଅଶ୍ୱିନି ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି କଂଗ୍ରେସର ବରିଷ୍ଠ କର୍ମୀ ନୃସଂହ ଚରଣ ସାହୁ, ନବ ପରିଡା, କେଦାର ନାୟକଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ସାମିଲ୍ ହୋଇଛନ୍ତି। ନୂତନ କର୍ମୀଙ୍କୁ ବିଧାୟିକା ଦଳୀୟ ପତାକା ଓ ଫୁଲହାର ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଆହୁରି ୬ରୁ ୭ ଜଣ ସରପଞ୍ଚ ଓ ସମିତି ସଭ୍ୟ ଭାଜପା ଛାଡି ବିଜେଡିରେ ମିଶିବାର କାର୍ଯ୍ୟକ୍ରମ ରହିଥିବା ଦଳ ପକ୍ଷରୁ କୁହାଯାଇଛି। ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ଜିଲାପରିଷଦ ସଦସ୍ୟ ଅଶୋକ ସାମଲ, ଯୁବ ନେତା ରଞ୍ଜନ ପଣ୍ଡା, ସରପଞ୍ଚ ସନ୍ତୋଷ ସାମଲ, କେଦାର ସାମଲ, ବିଚିତ୍ରାନନ୍ଦ ଜେନା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ।



ମିଶ୍ରଣ ପର୍ବରେ ବିଧାୟିକା ସୁନନ୍ଦା ଦାସଙ୍କ ସହ ନୂତନ କର୍ମୀ ଓ ଅନ୍ୟମାନେ।

# ମଣ୍ଡଳସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ଡୁବୁରୀ,୧୭।୧୧(ଡି.ଏନ୍.ଏ.)**

ଡୁବୁରୀସ୍ଥିତ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ 'ଗୀତା ସୁଗୀତା କର୍ତ୍ତବ୍ୟା' ଏକ ଉପ ଖଣ୍ଡସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହାକୁ ଜିଲା ସଂଯୋଜକ ଅକ୍ଷୟ କୁମାର ସାହୁ, ଡୁବୁରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପାତ୍ର ଉଦ୍‌ଘାଟନ କରିଥିଲେ। ଶ୍ରୀମଦ ଭଗବଦ୍ ଗୀତାର ପ୍ରଚାର ଓ ପ୍ରସାର ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଧାତ୍ମିକ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ଲକସ୍ତରରେ ଏପରି ପ୍ରତିଯୋଗିତାର ଆୟୋଜନ କରାଯାଉଥିବା ପ୍ରଜ୍ଞାନ ମିଶନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତା ୪ଟି ପର୍ଯ୍ୟାୟରେ ପ୍ରଥମରୁ ୪ର୍ଥ, ୫ମରୁ ୭ମ, ୮ମରୁ ୧୦ମ ଏବଂ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କପିଳେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଳମଣି ଦତ୍ତ, ଶିକ୍ଷକ ସୁଧୀର ସାମଲ, ପ୍ରମୋଦ ଘଡ଼େଇ ପ୍ରମୁଖ ଯୋଗଦେଇ ଶେଷରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଜ୍ଞାନ ମିଶନ ପକ୍ଷରୁ ପ୍ରହ୍ଲାଦ ମୁଦୁଲି ଓ ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କରାଣ୍ଡିପୁରରେ ଜଳିଗଲା ୩ ବଖରା

# ବାପାଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଆହତ

**ଦଶରଥପୁର,୧୭।୧୧(ଡିଏନ୍ଏ):** ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ କରାଣ୍ଡିପୁର ଗ୍ରାମର ସେକ୍ ଅଜ୍‌ଗର ଅଲ୍ଲୀଙ୍କ ଘରେ ଅଗ୍ନିକାଣ୍ଡ ଘଟି ସମ୍ପୃକ୍ତ ପରିବାରର ୩ ବଖରା ଜଳିଯାଇଛି। ଜଳୁଥିବା ଘରୁ ବାପାଙ୍କୁ ଉଦ୍ଧାର କରିବାକୁ ଯାଇ ପୁଅ ଗୁରୁତର ହୋଇଥିବା ଜଣାଯାଇଛି। ରବିବାର ସନ୍ଧ୍ୟାରେ ହଠାତ୍ କୌଣସି କାରଣରୁ ଅଜ୍‌ଗରଙ୍କ ଚାଳ ଘର ଜଳି ଉଠିଥିଲା। ଏହି ସମୟରେ ଘର ଭିତରେ ବାପା ଅଜ୍‌ଗର ରହିଯାଇଥିବା ଜାଣି ପୁଅ ସେକ୍ ମୋରାଦ୍ ଅଲ୍ଲୀ ଘର ଭିତରକୁ ପଶି ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ଜଳନ୍ତା ନିଆଁରେ ମୋରମ୍‌ଙ୍କ ପାଦ ପୋଡ଼ି ଯାଇଥିଲା। ଦଶରଥପୁର ଅଗ୍ନିଶମ ବାହିନୀ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ମୋରାଦଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ସବୁଜ ବିପ୍ଳବ କୋଠ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଜେନାପୁର,୧୭।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଶନିବାର ସବୁଜ ବିପ୍ଳବ କୋଠ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଂଯୋଜକ ବିକଳ ଓଝାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ସଂଯୋଜକ ସ୍ୱାଧୀନ ଜେନା ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କୃଷି ଉପରେ ଜନ ସାଧାରଣକୁ ସଚେତନତା କରିବା ସହିତ ପଲିଥିନ ବ୍ୟବହାର ନ କରିବା ପାଇଁ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ସଂଯୋଜକ ସନ୍ତୋଷ ଭୂୟାଁ, ରେଖିଦେଇପୁର ପଞ୍ଚାୟତ ସଂଯୋଜକ ଗୌତମ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ମହିଳା ଅଂଶ ଗ୍ରହଣ କରିଥିଲେ।

# ନୂତନ ଟ୍ରାଫିକ ପୋଷ୍ଟ ଉଦ୍‌ଘାଟନ, ସଚେତନତା ସଭା

**ଚଣ୍ଡିଖୋଲ,୧୭।୧୧(ଡି.ଏନ.ଏ)**

ଯାଜପୁର ଜିଲାର ମୁଖଶାଳାଭାବେ ପରିଚିତ ଚଣ୍ଡିଖୋଲ ଛକର ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଛି। ଏହା ୩ଟି ଜାତୀୟ ରାଜପଥର ମିଳନ ସ୍ଥଳ ହୋଇଥିବାରୁ ରବିବାର ଯାଜପୁର ଜିଲା ପୋଲିସ ତରଫରୁ ଏଠାରେ ଏକ ନୂତନ ଟ୍ରାଫିକ ପୋଷ୍ଟକୁ ଏସଡିପିଓ ଚିନ୍ମୟ ନାୟକ ଉଦଘାଟନ କରିଛନ୍ତି। ଦୀର୍ଘ ଦିନ ହେଲା ଏହି ଛକରେ ଅସ୍ଥାୟୀ ଟ୍ରାଫିକ ପୋଷ୍ଟ ମାଧ୍ୟମରେ ଗାଡ଼ିର ନିୟନ୍ତ୍ରଣ କରାଯାଉଥିଲା। ଉଦ୍‌ଘାଟନ ପରେ ପୋଲିସ ତରଫରୁ ଏକ ଟ୍ରାଫିକ ସଚେତନତା ସଭା ବଡ଼ଚଣା ଥାନା ଅଧିକାରୀ ଦିପକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଚଣ୍ଡିଖୋଲ ଅଗ୍ନିଶମ ସେବା ଅଧିକାରୀ ପ୍ରଭାକର ସାହୁ, ବଣିକ ସଂଘ ସଭାପତି କ୍ଷୀରୋଦ ମାହାଲା, ଜିଲା କ୍ରଶର ଆସୋସିଏଶନ ସଭାପତି ଚନ୍ଦନ ନାୟକ, ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘ ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସୁଙ୍ଗୁଡ଼ା ନାଏବ ସରପଞ୍ଚ ଗୁଲାମ ଆରିଫ, ସଂଘମିତ୍ରା ଦଳେଇ, ଯୁବନେତା ଗଣେଶ୍ୱର ବରାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସଭାକୁ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶୀଲ କୁମାର ନାୟକ, ସଂଜୀବ କୁମାର ଥାଟୋଇ, ସୟଦ ଖାନ, ମହାବିନାୟକ ଲୋକାଲ ଟ୍ରକ ସଂଘର ସଭାପତି ପ୍ରିୟବ୍ରତ ଖିଲାର, ଚିତ୍ତରଂଜନ ମହାପାତ୍ର, ହେମନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ମିଳିତ ଭାବେ ଜାତୀୟ ରାଜପଥରେ ହେଲମେଟ ଓ ସିଟ ବେଲ୍ଟ ବ୍ୟବହାର କରି ଯାଉଥିବା ଗାଡ଼ି ଚାଳକଙ୍କୁ ପୋଲିସ ଓ ଜନ ସାଧାରଣ ଗୋଲାପ ଫୁଲ ଓ ଗଛ ଚାରା ଦେଇ ସ୍ୱାଗତ କରିଥିଲେ।

## ଜିଲା ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ବିଞ୍ଝାରପୁରକୁ ହରାଇ ଧର୍ମଶାଳା ଚାମ୍ପିୟନ

**ଯାଜପୁର ରୋଡ୍,୧୭।୧୧(ନି.ପ୍ର.)**

ଯାଜପୁର ରୋଡ୍‌ସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ୬୫ତମ ଯାଜପୁର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା–୨୦୧୯ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପ୍ରଥମେ ବିଞ୍ଝାରପୁର ଓ କୋରାଇ ମଧ୍ୟରେ ୨ୟ ସେମିଫାଇନାଲ ଖେଳ ହୋଇଥିଲା। ଏଥିରେ ବିଞ୍ଝାରପୁର ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଥିଲା। ପରେ ବିଞ୍ଝାରପୁର ଓ ଧର୍ମଶାଳା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭର୍‌ରେ ବିଞ୍ଝାରପୁର ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୭୯ ରନ୍ କରିଥିଲା। ଜବାବ୍‌ରେ ଧର୍ମଶାଳା ଦଳ ୧୦ ଓଭରରେ ୧ ଉଇକେଟ୍ ହରାଇ ୮୦ରନ୍ କରି ପ୍ରତିଯୋଗିତାର ଚାମ୍ପିୟନ ହୋଇଥିଲା। ଏହି ପ୍ରତିଯୋଗିତାରେ ୭ ବ୍ଲକରୁ ୭ ବଛାବଛା ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଧର୍ମଶାଳା ଦଳ ରସୁଲପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦାନଗଦୀକୁ ହରାଇ ବିଞ୍ଝାରପୁର ସେମିରେ ପ୍ରବେଶ କରିଥିଲା। ସୁକିନ୍ଦା ଓ କୋରେଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କୋରେଇ ବିଜୟ ଲାଭ କରି ୩ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ୧ମ ସେମିଫାଇନାଲ ମ୍ୟାଚ୍ ବରୀ ଓ ଧର୍ମଶାଳା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଧର୍ମଶାଳା ଦଳ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଥିଲା। କ୍ରୋମନଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦେଓଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ସମ୍ବିତ୍ କୁମାର ମହାନ୍ତି ମୁଖ୍ୟ ଅତିଥି, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ ସମ୍ମାନିତ ଅତିଥି, ଜିଲା କ୍ରୀଡ଼ା ପରିଦର୍ଶକ ଶମ୍ଭୁନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଧର୍ମଶାଳା ଦଳକୁ ଚାମ୍ପିୟନ ଓ ବିଞ୍ଝାରପୁରକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ୨୦୧୮ରେ ଜିଲାର ଆର୍ଯ୍ୟ କୁମାର ମହାନ୍ତି ଜାତୀୟସ୍ତରକୁ ଉନ୍ନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପ୍ରତିଯୋଗିତାରୁ ୧୬ଜଣଙ୍କୁ ୨୫ରୁ ଡିସେମ୍ବରରୁ ୧ ତାରିଖ ମଧ୍ୟରେ ଅନୁଗୋଳଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଶିକ୍ଷକ ମାନସ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋରାଇ ବ୍ଲକ ନୋଡାଲ ସେକ୍ରେଟାରୀ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପବିତ୍ର କୁମାର ମଲ୍ଲିକ, ଜୟପ୍ରକାଶ ତ୍ରିପାଠୀ, ଶଙ୍କର୍ଷଣ ବେହେରା, ନିରନ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବାସୁଦେବ ବରାଳ, ସନ୍ତୋଷ କୁମାର ଖୁଣ୍ଟିଆ, ରମେଶ କୁମାର ଦାସ, ଅକ୍ଷୟ କୁମାର ମଲ୍ଲିକ, ଶେକ୍ ଅହମ୍ମଦ ସଲିମ, ଶୁଭମ ଜ୍ୟୋତି ରାଉତ, ସତ୍ୟସୁନ୍ଦର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ୍ ଟିମ୍ ସହ ଅନ୍ୟମାନେ।



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
- ଭଲଟାୟାର



## ସଂକ୍ଷେପରେ

### ସିରିଏଲ୍ ଚୋରି ଘଟଣାରେ ୩ ଗିରଫ

ବିଞ୍ଝାରପୁର,୧୭।୧୧(ଡି.ଏନ.ଏ): ସିରିଏଲ ଚୋରି ଘଟଣାରେ ବିଞ୍ଝାରପୁର ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରୀ ଥାନା ବାଲିଆ ଅଞ୍ଚଳର ନିକୁଞ୍ଜ ମଲ୍ଲିକ, ବିଞ୍ଝାରପୁର ଥାନା ତଳସାହି ଗ୍ରାମର ଗୋରା ଖାଁ ଓ ଲକ୍ଷ୍ମୀ ନାରାୟଣ ସାହିର ମିନୁ ଯେନା। ପ୍ରକାଶ ଯେ, ବିଞ୍ଝାରପୁର ଥାନା ଅଞ୍ଚଳର ବିଭିନ୍ନ ଦୋକାନରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ବହୁ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ବିଞ୍ଝାରପୁର ଥାନାରେ ଏକାଧିକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ନଂ (୩୨୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ରାତିରେ ବିଞ୍ଝାରପୁର ପୋଲିସ ଉକ୍ତ ୩ ଅଭିଯୁକ୍ତଙ୍କ ଘରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଲକ୍ଷ୍ମୀନାରାୟଣ ପୂଜା ପାଇଁ ଭୂମି ପୂଜା, ଶୁଭ ଖୁଣ୍ଟି ସ୍ଥାପନ

ରସୁଲପୁର,୧୭।୧୧(ଡିଏନଏ): ରସୁଲପୁର ବ୍ଲକର ପ୍ରମୁଖ ବ୍ୟବସାୟ କେନ୍ଦ୍ର କୁଆଖିଆ ବଜାରରେ ଅନୁଷ୍ଠିତ ହେଉଥିବା ଲକ୍ଷ୍ମୀନାରାୟଣ ପୂଜା ପାଇଁ ରବିବାର ଭୂମି ପୂଜନ ଓ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ବର୍ଷ ୬୫ତମ ବର୍ଷରେ ପଦାର୍ପଣ କରୁଥିବା ଏହି ପୂଜା ପାଇଁ ରବିବାର ସକାଳ ୬ଟା ୪୧ରୁ ୮ଟା ୪୭ ମଧ୍ୟରେ ଶୁଭ ସମୟ ନିର୍ଘଣ୍ଟ କରାଯାଇ ଭୂମିପୂଜା ଆରମ୍ଭ ହୋଇଥିଲା। ପଣ୍ଡିତ ପର୍ଶୁରାମ ରଥ, ନାରାୟଣ ପଣ୍ଡା ଓ ବିଜୟ ପଣ୍ଡା ପୂଜା କରିଥିବାବେଳେ କର୍ତ୍ତା ନାରାୟଣ ସାହୁ ସଂକଳ୍ପ କରିଥିଲେ। ଧନୁ ସଂକ୍ରାନ୍ତିରେ ପୂଜା ଆରମ୍ଭ ହେବ। ଭୂମି ପୂଜନ କାର୍ଯ୍ୟକ୍ରମରେ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ନେସ୍କୋ କୁଆଖିଆ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାସ, ବାହାଦଲାପୁର ପୂର୍ବତନ ସରପଞ୍ଚ ପଦ୍ମନାଭ ବାରୀ, ବିଜୟ କୁମାର ସାହୁ, ଶିଳ୍ପୀ ରବୀନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ପୂଜା କମିଟି ସଭାପତି ବନୋଜ ସ୍ୱାଇଁ, ସମ୍ପାଦକ ନାରାୟଣ, ସନ୍ତୋଷ ରାଉତ, କୈଳାସ ଚନ୍ଦ୍ର ନାୟକ, ଲଛମନ ପରିଡା, ଅରୁଣ ସ୍ୱାଇଁ, ଗିରିଜା ଶଙ୍କର ରଥ, ପଙ୍କଜ ସାହାଣୀ, କାର୍ତ୍ତିକ ପଣ୍ଡା, ପ୍ରଶାନ୍ତ ଦାସ, ବୈଦ୍ୟନାଥ ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ରକ୍ତଦାନ ଶିବିର

ବିଞ୍ଝାରପୁର,୧୭।୧୧(ଡି.ଏନ.ଏ): ବରୀ ବ୍ଲକ ବିଞ୍ଝାରପୁର ଥାନା ମଧୁସୁଦନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଓ ଫ୍ରେଣ୍ଡସ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥିରୂପେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସରପଞ୍ଚ ଆଦରମଣୀ ସାମଲ,ସମିତିସଭ୍ୟା ସୁମିତ୍ରା ଦାସ, ଟ୍ରଷ୍ଟ ସଭାପତି ବିମଳ କୁମାର ଦାସ, ଫ୍ରେଣ୍ଡସ କ୍ଲବ ସଭାପତି ବିଶ୍ୱରଞ୍ଜନ ପୁହାଣ, ସମ୍ପାଦକ ହେମନ୍ତ ଦାସ, ପ୍ରମୋଦ ସାମଲ, ଆଜାଦ ରାୟ, ଅଧାପକ ସୁନିଲ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୫୩ଜଣ ରକ୍ତଦାନ କରିଥିଲେ।

## ଗ୍ରାମ୍ୟ ନିର୍ମାଣ ବିଭାଜନ ଯାଜପୁର-୨

# ୨୨.୭୯ କି.ମି. ରାସ୍ତା ଜରାଜୀର୍ଣ୍ଣ

ଯାଜପୁର ଅଫିସ,୧୭।୧୧

ଯାଜପୁର ଜିଲା ଗ୍ରାମ ନିର୍ମାଣ ବିଭାଗ ଯାଜପୁର-୨ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ରେ ୫ ବର୍ଷ ଅବଧି ପୂର୍ଣ୍ଣ କରିଥିବା ମୋଟ ରାସ୍ତାର ଦୈର୍ଘ୍ୟ ୨୭୬.୬୭ କି.ମି. ହୋଇଛି। ସେଥିରୁ ୨୨.୭୯ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସ୍ୱୀକାର କରିଛନ୍ତି। ଚଳିତ ବିଧାନସଭାରେ ଉତ୍ଥାପିତ ପ୍ରଶ୍ନସଂଖ୍ୟା ୩୮୩ (ତାରକା ଚିହ୍ନିତ) ଉତ୍ତରରେ ନିର୍ବାହୀ ଯନ୍ତ୍ରୀ ଏଭଳି ସ୍ୱୀକାରୋକ୍ତି ଦେଇଛନ୍ତି। ଏଥିରୁ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣରେ ଦୁର୍ନୀତି, ଠିକାଦାରୀ ରାଜନୀତି, ପ୍ରୀୟାପ୍ରୀତି ତୋଷଣ ଆଦି ଜଳଜଳ ହୋଇ ଦିଶୁଥିବା ମତପ୍ରକାଶ ପାଉଛି।

କୋର ନେଟୱାର୍କ ହିସାବରେ ଯାଜପୁର ଜିଲାର ମୋଟ ୧୭୮୧ଟି ଗ୍ରାମରୁ ୧୩୩ଟିକୁ ଅଦ୍ୟାବଧି ସଡ଼କ ସଂଯୋଗ ହୋଇପାରି ନାହିଁ। ଯାଜପୁର ଭଳି ଏତେ ସଂଖ୍ୟକ ଗ୍ରାମକୁ ସଡ଼କ ସଂଯୋଗ ହୋଇ ନ ଥିବା ଅନ୍ୟ କୌଣସି ଜିଲା ରାଜ୍ୟରେ ଥିବା ପରି ମନେହେଉ ନାହିଁ। ଯାଜପୁର ଜିଲାର ପ୍ରଭାବଶାଳୀ ରାଜନେତା ଦୁର୍ନୀତିଗ୍ରସ୍ତ ଅଧିକାରୀ/କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦେଉଥିବାରୁ ବିକାଶ ପଥ ଉନ୍ମୁକ୍ତ ହୋଇପାରୁ ନାହିଁ ବୋଲି ମତପ୍ରକାଶ ପାଉଛି। ଏହି ପରିସ୍ଥିତିରେ ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ମଧ୍ୟ ବ୍ୟାପକ ଦୁର୍ନୀତି ହେଉଥିବା ରାସ୍ତା ଜରାଜୀର୍ଣ୍ଣ ରିପୋର୍ଟରୁ ମନେ ହେଉଛି। ବ୍ୟୟ ଅଟକଳ ଅନୁସାରେ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବା ଏବଂ ବିଭାଗୀୟ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାର ଉପରେ ସମ୍ପୂର୍ଣ୍ଣ ଭରସା କରି ଛାଡି ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ତେବେ ବିଧାନସଭା ପ୍ରଶ୍ନର ଉତ୍ତର ଅନୁସାରେ ଅନକାଛକରୁ ପଦ୍ମନାଭପୁର ୧.୧୧୮ କି.ମି. ରାସ୍ତାର ଅବସ୍ଥା ଠିକ୍ ନାହିଁ। ଏହାବାଦ ଏନ୍‌ଏଚ୍-୫ରୁ ଭକୁଡା ୩.୪୧୦ କି.ମି., ଏନ୍‌ଏଚ୍-୫ରୁ ଶାନ୍ତିପୁର ୧.୦୮୦ କି.ମି. ରାସ୍ତା, ପିଡବ୍ଲ୍ୟୁଡି ରୋଡରୁ ଉଦୟଗିରି ୪.୫୦୦ କି.ମି. , ଉଦୟଗିରିରୁ ମାଝିପଡା ୪.୨୦୦ କି.ମି., ପିଡବ୍ଲ୍ୟୁଡି ରୋଡରୁ ବିଦ୍ୟାଧରପୁର ୧.୬୮୪ କି.ମି, ଏନ୍‌ଏଚ୍-୫ରୁ ଶୁକଦେଇପୁର ୦.୭୮୦ କି.ମି., ଏନ୍‌ଏଚ୍-୫ରୁ ଅରଖପୁର ୫.୯୮୬ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏଥିମଧ୍ୟରୁ ଏନ୍‌ଏଚ୍-୫ରୁ ଶାନ୍ତିପୁର ପର୍ଯ୍ୟନ୍ତ ନିର୍ମିତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୨୦୧୫ରେ ବ୍ୟାପକ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ୨୦୦୮ରେ ୧.୦୮ କିଲୋମିଟର ବିଶିଷ୍ଟ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ମୋଟ ୬୨ଲକ୍ଷ ୨୨ହଜାର ଟଙ୍କା ବିନିଯୋଗ ହୋଇଥିଲା। ଯୋଜନା ଅନୁସାରେ ନିର୍ମାଣଠାରୁ ୫ବର୍ଷ ପର୍ଯ୍ୟନ୍ତ ମରାମତି ପାଇଁ ୩ଲକ୍ଷ ୧୨ହଜାର ଟଙ୍କା ଅମାନତ ରାଶି ବିଭାଗ ପାଖରେ ଜମା ରହିଥିଲା। ୨୦୧୧ ମସିହାରେ ରାସ୍ତାର ୧୦୦ ବର୍ଗଫୁଟର ଦୁଇଟି ଅଂଶକୁ ୮ଇଞ୍ଚ ମୋଟେଇର କଂକ୍ରିଟରେ ମରାମତି ହୋଇଥିଲା। ସେହିପରି ୨୦୧୪ ମାର୍ଚ୍ଚ-ଏପ୍ରିଲ ମଧ୍ୟରେ ଏହି ରାସ୍ତାରେ ମରାମତି ନାମରେ ୪ଲକ୍ଷ ୮୯ହଜାର ଟଙ୍କା ପଇଠ କରାଯାଇଛି। ମାତ୍ର ୫୦ହଜାର ଟଙ୍କାର ମରାମତି କାର୍ଯ୍ୟ କରାଯାଇ ପ୍ରାୟ ସାଢେ ୭ଲକ୍ଷ ଟଙ୍କା ସିଧାସଳଖ ମିଥ୍ୟା ବିଲ ହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଆଭ୍ୟନ୍ତରୀଣ ଅଞ୍ଚଳର ଏହି ରାସ୍ତାଘାଟ ଅବସ୍ଥା ଦେଖିଲେ ଯେ କେହି ଏହି ଜିଲାରେ ବାସ କରୁଥିବା ଲୋକଙ୍କ ଜୀବନଧାରଣର ମାନ ଠଉରାଇ ପାରିବେ। କେନ୍ଦ୍ରୀୟ ଓ ରାଜ୍ୟସ୍ତରରେ ରାସ୍ତାଘାଟର ନିର୍ମାଣ, ପୁନଃ ନିର୍ମାଣ, ପ୍ରଶସ୍ତୀକରଣ ଓ ମରାମତି ପାଇଁ ପିଏମ୍‌ଜିଏସ୍‌ୱାଇରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରତ୍ୟେକ ୧ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସୁଦୃଢ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ। ତେବେ ଜିଲାର ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ସମେତ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଏହି ଡିଭିଜନର ରାସ୍ତା ଜରାଜୀର୍ଣ୍ଣ ତାଲିକାକୁ ଅବଲୋକନ କଲେ ଏହା ସ୍ପଷ୍ଟ ଦିଶୁଛି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏହାବାଦ ପିଏମ୍‌ଜିଏସ୍‌ୱାଇରେ ବ୍ରିଜ ଓ ରାସ୍ତା ନିର୍ମାଣରେ ନାହିଁ ନ ଥିବା ଦୁର୍ନୀତି ପଦାକୁ ଆସୁଛି। ଏଥିରେ ସରକାର ସାଧାରଣରେ ବଦନାମ ହେଉଥିବାବେଳେ କେତେଜଣ ସ୍ଥାନୀୟ ଲୋକପ୍ରତିନିଧି ଓ ଠିକାଦାରମାନେ ମାଲାମାଲ ହେଉଛନ୍ତି। ଏ ସଂକ୍ରାନ୍ତରେ ଜାରକା ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ବିଧାନସଭା ପ୍ରଶ୍ନର ଉତ୍ତରରେ ତାଙ୍କ ପତ୍ରସଂଖ୍ୟା ୨୮୦୭/୧୩।୧୧।୨୦୧୯ରେ ଯନ୍ତ୍ରୀ ମୁଖ୍ୟଙ୍କୁ ଜଣାଇଛନ୍ତି ଯେ, ୨୨.୭୯ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତାହାର ମରାମତି ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**




- ୫ ବର୍ଷ ଅବଧି ପୂର୍ଣ୍ଣ କରିଥିବା ମୋଟ ରାସ୍ତା ୨୭୬.୬୭ କି.ମି.
- ବିଧାନସଭା ପ୍ରଶ୍ନର ଉତ୍ତରରେ ନିର୍ବାହୀ ଯନ୍ତ୍ରୀଙ୍କ ସ୍ୱୀକାରୋକ୍ତି

### 'ବଡ଼ଚଣାର ସାଂସ୍କୃତିକ ଇତିହାସ' ପୁସ୍ତକ ଲୋକାର୍ପିତ

ଚଣ୍ଡିଖୋଲ,୧୭।୧୧(ଡି.ଏନ.ଏ)

ବଡ଼ଚଣା ମାଟି ସମ୍ପର୍କରେ ଏହାର ଇତିହାସ, ସାଂସ୍କୃତିକ ବୈଭବ ଓ ପର୍ଯ୍ୟଟନ ସ୍ଥଳୀକୁ ନେଇ ଲିଖିତ ପୁସ୍ତକ 'ବଡ଼ଚଣାର ସାଂସ୍କୃତିକ ଇତିହାସ' ବିଧାୟକ ଅମର ପ୍ରସାଦ ଶତପଥି ରବିବାର ଚଣ୍ଡିଖୋଲ ପାନ୍ଥଶାଳା ପରିସରରେ ଲୋକାର୍ପିତ କରିଛନ୍ତି। ଏହି ପୁସ୍ତକର ରଚୟିତା ପ୍ରାଧ୍ୟାପକ ରବୀନ୍ଦ୍ର ବିହାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଯୁବପିଢୀ ପାଇଁ ପୁସ୍ତକଟି ମାର୍ଗ ଦର୍ଶନ କରିବ ବୋଲି ବିଧାୟକ ଶତପଥି ପ୍ରକାଶ କରିଥିଲେ। କବି ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ରାଜକିଶୋର ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକ ଅଞ୍ଚଳର ଲୁକ୍କାୟିତ ତଥ୍ୟକୁ ପୁସ୍ତକ ମାଧ୍ୟମରେ ପ୍ରକାଶ କରାଗଲେ ଏହା ଚିରଦିନ ପାଇଁ ଅମର ହୋଇ ରହିଥାଏ। ଲେଖକଙ୍କର ଏଭଳି ଏକ ଅଭିନବ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ କବି ପ୍ରିୟନାଥ ମହାପାତ୍ର ଓ ମିହିର ପ୍ରତାପ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅଭିମନ୍ୟୁ ରାଉତ, ପ୍ରମୋଦ କୁମାର ଦାସ, ମହେଶ୍ୱର ପାଢୀ, ପ୍ରଦୀପ୍ତ କୁମାର ପୃଷ୍ଟି, ନିରଂଜନ ସେନାପତି, ଜିଲାପରିଷଦ ସଭ୍ୟ ବିନୋଦିନୀ ସାହୁ, ଭାରତ ଭୂଷଣ ପଣ୍ଡା, ଜଗନ୍ନାଥ ମୁଦୁଲି, ସଂଜୟ କୁମାର ସ୍ୱାଇଁ, ଗଣେଶ୍ୱର ବରାଳ, ଦେବରାଜ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଖବରଦାତା ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଉଥିଲାବେଳେ କବି ସରୋଜ କାନ୍ତ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା' ସମ୍ପର୍କିତ କର୍ମଶାଳା




ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ଯାଜପୁର ଟାଉନ,୧୭।୧୧ (ଡିଏନଏ)

ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଅଧିନିୟମ-୨୦୧୨ (ପୋକ୍ସୋ ଆଇନ୍) ସମ୍ପର୍କିତ ଆଭିମୁଖିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରବିବାର ଜିଲା ମୃତ୍ତିକା ସଂରକ୍ଷଣ ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍ସୋ) ପ୍ରଶାନ୍ତ କୁମାର ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶରେ ଏହି ଅପରାଧ ବୃଦ୍ଧି ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ଆମ ରାଜ୍ୟ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୧୮ରୁ କମ୍ ବ୍ୟକ୍ତିଙ୍କୁ ଏହି ଆଇନରେ ସାମିଲ କରାଯାଇଥିବାବେଳେ ସେମାନଙ୍କୁ କିପରି ଯୌନ ଅପରାଧରୁ ସୁରକ୍ଷା ମିଳିପାରିବ ସେ ନେଇ ଦିବସ ବ୍ୟାପୀ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ପୋକ୍ସୋ ଜଜ୍ ନାୟକ ଏହି ଅବସରରେ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଥାନାରେ ପୀଡିତାର ବୟାନ ରେକର୍ଡ ପରିବର୍ତ୍ତେ ଏସଜେୟୁ ଜରିଆରେ ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସେହିପରି ପ୍ରତ୍ୟେକ ପୀଡିତାଙ୍କୁ ଏତଲା କପି ସହିତ କ୍ଷତିପୂରଣ ଆବେଦନ ଫର୍ମ ଦେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି, ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ପ୍ରଧାପକ ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗଦେଇ ପୋକ୍ସୋ ଆଇନ ସମ୍ପର୍କିତ ସମସ୍ତ ଧାରା ଓ ଅଧିନିୟମ ସମ୍ପର୍କରେ ବିସ୍ତୃତ ଅଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସଞ୍ଚାଳନ କରିଥିବାବେଳେ ଆଗାମୀ ଦିନରେ ବିଭିନ୍ନ ବର୍ଗଙ୍କୁ ସଚେତନତା କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁମଙ୍ଗଳ କମିଟି ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି, ଏସଡିପିଓ ରବୀନ୍ଦ୍ର ନାରାୟଣ ଜେନା, ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଧିକାରୀ ମଙ୍ଗଳା ରଥ, ଶିଶୁ ଶୁରକ୍ଷା ଅଧିକାରୀ ମିହିର କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ୧୮୩ ପରିବାରକୁ ଆବାସ, ୧୭୬ ଜଣଙ୍କୁ ଭତ୍ତା ବଣ୍ଟନ

ରସୁଲପୁର,୧୭।୧୧(ଡିଏନଏ)

ରସୁଲପୁର ବ୍ଲକ କୋରେଇ ନିର୍ବାଚନରେ ସାମିଲ ହୋଇଥିବା ମଣ୍ଡଳୀ ଗନ୍ଧଣ, ଟିକରପଡା, ବଡକଇଁଚି, ପହଁଗା, ଲକ୍ଷ୍ମୀନଗର, ଭୋଟକା ବାହାଦଲାପୁର, ମୁଗୁପାଳ, ନରସିଂହପୁର ଆଦି ପଞ୍ଚାୟତ ବୁଲି ରବିବାର କୋରେଇ ବିଧାୟକ ଅଶୋକ କୁମାର ବଳ ୧୮୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଓ ୧୭୬ଜଣଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ରସୁଲପୁର ବିଡିଓ ଉମାକାନ୍ତ ପରିଡା, ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ନମିତା ହାଁସଦା, କନିଷ୍ଠ ଯନ୍ତ୍ରୀ ସୋନାଲି ଦାସ, ଅନିତା ବେହୁରା ପ୍ରମୁଖ ଯୋଗଦେଇ ବଣ୍ଟନ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ନରସିଂହପୁର ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଠାରେ ସରପଞ୍ଚ ପ୍ରଭାସିନୀ ନାୟକ, ନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତ, ଯୁବନେତା ସୁବାସ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ୨ଜଣଙ୍କୁ ଭତ୍ତା, ୧୩ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସେହିପରି ମୁଗୁପାଳ ସରପଞ୍ଚ ଭବାନୀ ଶଙ୍କର ପଣ୍ଡା, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦାସ, ଯୁବନେତା ଦିଲୀପ ଦାସ ପ୍ରମୁଖ ୭ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ, ୨୧ଜଣଙ୍କୁ ଭତ୍ତା ବାଣ୍ଟିଥିଲେ। ବାହାଦଲାପୁରରେ ସରପଞ୍ଚ ମାମି ମହାନ୍ତି, ନିର୍ବାହୀ ଅଧିକାରିଣୀ ମନୋସ୍ୱିନୀ କବି, ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତିଙ୍କ ସହାୟତାରେ ୨୪ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଭୋଟକା ସରପଞ୍ଚ ଅକ୍ଷୟ କୁମାର ମଲିକ, ନିର୍ବାହୀ ଅଧିକାରୀ ସୁଧୀର ମହାନ୍ତିଙ୍କ ଉପସ୍ଥିତିରେ ୨୧ଜଣଙ୍କୁ ଭତ୍ତା, ୮ ପରିବାରକୁ ଆବାସ, ବଡକଇଁଚି ସରପଞ୍ଚ ବାସନ୍ତି ତରାଇ, ନିର୍ବାହୀ ଅଧିକାରିଣୀ ଝିଲିରାଣୀ ସାହୁ, ପ୍ରାକ୍ତନ ସମିତିସଭ୍ୟ ପ୍ରହ୍ଲାଦ ପଣ୍ଡା, ଲକ୍ଷ୍ମଣ ରାଉତଙ୍କ ଉପସ୍ଥିତିରେ ୩୫ ପରିବାରକୁ ଆବାସ କାର୍ଯ୍ୟାଦେଶ, ୬ଜଣଙ୍କୁ ଭତ୍ତା, ଗନ୍ଧଣର ପୂର୍ବତନ ସରପଞ୍ଚ ଶ୍ରୀଧର ବିଶ୍ୱାଳ, ସମିତି ସଭ୍ୟ ଶତ୍ରୁଘ୍ନ ମଲିକ, ନିର୍ବାହୀ ଅଧିକାରୀ ଅନୀଲ ଅଙ୍ଗରାଏଙ୍କ ଉପସ୍ଥିତିରେ ୨୭ଜଣଙ୍କୁ ଭତ୍ତା ଓ ୧୧ ପରିବାରକୁ ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଟିକରପଡା ସରପଞ୍ଚ ଅତୁଲ୍ୟ ପ୍ରଧାନଙ୍କ ସହାୟତାରେ ୨୮ ପରିବାରକୁ ଆବାସ, ୨୧ଜଣଙ୍କୁ ଭତ୍ତା, ପହଁଗା ସରପଞ୍ଚ ପ୍ରହ୍ଲାଦ ପ୍ରତିହାରୀଙ୍କ ସହାୟତାରେ ୩୦ଜଣଙ୍କୁ ଭତ୍ତା, ୩୧ ପରିବାରକୁ ଆବାସ ଓ ଲକ୍ଷ୍ମୀନଗର ସରପଞ୍ଚ ଗାୟତ୍ରୀ ସାହୁ ଓ ଯୁବନେତା ପ୍ରଫୁଲ ସାହୁଙ୍କ ସହାୟତାରେ ୫୦ ପରିବାରକୁ ଆବାସ, ୨୪ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଭତ୍ତା ବାବଦକୁ ହିତାଧିକାରୀଙ୍କୁ ୧୫ଶହ ଟଙ୍କା, ଆବାସ ହିତାଧିକାରୀଙ୍କୁ ପ୍ରଥମ କିସ୍ତିରେ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପଞ୍ଚାୟତର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ଜିଆରଏସମାନଙ୍କୁ ନେଇ କମିଟି ଗଠନ କରାଯିବ ସହ ଆବସ ଯୋଜନାର ଅଗ୍ରଗତି ସମ୍ପର୍କରେ ତଦାରଖ କରାଯାଇ ପ୍ରତି ମାସରେ ତାଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକ ହିତାଧିକାରୀ ତୁରନ୍ତ ଘର ନିର୍ମାଣ କାର୍ଯ୍ୟ ଶେଷ କରି ଏ ବାବଦକୁ ସରକାରୀ ପ୍ରୋତ୍ସାହନ ରାଶି ୨୦ ଓ ୧୦ ହଜାର ଟଙ୍କା ହାତେଇବାକୁ ପରାମର୍ଶ ଦେଇଛନ୍ତି।

## ରାଜ୍ୟସ୍ତରୀୟ ସଞ୍ଜିତ ମେମୋରିଆଲ କ୍ରିକେଟ

# ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ସେମିରେ ଜୁଭେନାଇଲ କ୍ଲବ କଟକ

ଚଣ୍ଡିଖୋଲ,୧୭।୧୧(ଡି.ଏନ.ଏ)

ବଡ଼ଚଣା ବ୍ଲକ ଗୁଲଜାର ନଗର ପାଟଣାଠାରେ ମା' ତାରିଣୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୬ଷ୍ଠ ବାର୍ଷିକ ସଂଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ବନାମ ଜୁଭେନାଇଲ କ୍ରିକେଟ କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ କଟକସ୍ଥିତ ଜୁଭେନାଇଲ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୭ଟି ୱିକେଟ ହରାଇ ୧୭୭ରନ ସଂଗ୍ରହ କରିଥିଲା। ଏହାର ପିଛା କରି କଟକର ଜୁଭେନାଇଲ କ୍ରିକେଟ କ୍ଲବ ୨୯ଓଭରରେ ୮ଟି ୱିକେଟ ହରାଇ ୧୭୮ରନ କରି ବିଜୟ ଲାଭ କରିଛି। ଜୁଭେନାଇଲ କ୍ରିକେଟ କ୍ଲବ ପକ୍ଷରୁ ମିଟି ଶଙ୍କର ବାରିକ ୮୦ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଖେଳକୁ ଓସିଏ ଅମ୍ପାୟାର ସୁମେନ୍ଦ୍ର ପାତ୍ର ଓ ପ୍ରାଣନାଥ ଜେନା ପରିଚାଳନା କରିଥିବାବେଳେ ବିଶ୍ୱରଞ୍ଜନ ଦାସ ଓ ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଥିଲେ। ରବିବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚର ପୁରସ୍କାର ବିତରଣ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ଲେଙ୍କା ମୁଖ୍ୟଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଭାପତି ଚନ୍ଦ୍ରଶେଖର ଦାସ, ତୁଷାରକାନ୍ତ ପାତ୍ର, କ୍ଷୀତିଶ ବାହାଲିଆଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ପ୍ରଥମ ସେମି ଫାଇନାଲ ମ୍ୟାଚ ସୋଲାର କ୍ରିକେଟ କ୍ଲବ କଟକ ଓ ଜୁଭେନାଇଲ କ୍ରିକେଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ତରଫରୁ ସୂଚନା ଦିଆଯାଇଛି।




ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ୧୬ନଂ. ଜାତୀୟ ରାଜପଥରେ ଗଳିପୋଲ ନିର୍ମାଣକୁ ନେଇ ବିବାଦ

# ସ୍ଥିତି ପରଖିଲେ ବିଧାୟକ

ରସୁଲପୁର,୧୭।୧୧(ଡି.ଏନ.ଏ)

ରସୁଲପୁର ବ୍ଲକ ଦେଇ ଅତିକ୍ରମ କରିଥିବା ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଭୋଟକା ପଞ୍ଚାୟତର ବିଲିପଡା ଗ୍ରାମ ନିକଟରେ ପ୍ରସ୍ତାବିତ ଗଳିପୋଲ ନିର୍ମାଣକୁ ନେଇ ବିବାଦ ଉପୁଜିଛି। ଉକ୍ତ ମାମଲାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ସେମାନଙ୍କ ଅଞ୍ଚଳର ବିଧାୟକଙ୍କୁ ଅବଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନରେ କୋରେଇ ବିଧାୟକ ଅଶୋକ କୁମାର ବଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ଦିଗରେ ସ୍ଥାନୀୟ ଉଭୟ ବାହାଦଲାପୁର ଓ ଭୋଟକା ଜନସାଧାରଣ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ବାହାଦଲାପୁରର ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତି ବିଧାୟକ ବଳଙ୍କୁ ଗଳି ପୋଲ ନିର୍ମାଣ ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଘଟଣାକୁ ନେଇ ଧର୍ମଶାଳା ବିଧାୟକଙ୍କ ସହ ଆଲୋଚନା କରିବା ସହ ଭୋଟକା, ବାହାଦଲାପୁର ଓ ରସୁଲପୁରର ୩ଜଣ ସରପଞ୍ଚ, ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ତେବେ ଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ।

ପ୍ରକାଶ ଯେ, ବିଲିପଡା ଗାଁରୁ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକ ଗଳିପୋଲ ନିର୍ମାଣ ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତାବ ରହିଛି। ଏହି ପୋଲ ନିର୍ମାଣ କାର୍ଯ୍ୟ ଅନ୍ୟତ୍ର କରିବାକୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ପଞ୍ଚାୟତ ସୁଆଁସାହି, ଖଣ୍ଡିତର ଗ୍ରାମର ଲୋକେ ଦାବି କରିଆସୁଛନ୍ତି। ଏହାକୁ ନେଇ ବିବାଦ ଉପୁଜିବାରୁ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜୁଛି। ରାଜପଥ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବାରୁ ଦୈନିକ ଏହି ଅଞ୍ଚଳରେ ଦୁର୍ଘଟଣା ଘଟୁଛି। ଉକ୍ତ ଘଟଣାକୁ କାରଣ ଦର୍ଶାଇ ଭୋଟକା ପଞ୍ଚାୟତ ପକ୍ଷରୁ ଚଳିତବର୍ଷ ଫେବୃୟାରୀରେ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରାଯାଇଥିଲା। ଏଠାରେ ଗଳିପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ରାଜପଥ କର୍ତ୍ତୃପକ୍ଷଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ଦିଗରେ ଯାଜପୁର ଜିଲାପାଳଙ୍କୁ ମଧ୍ୟ ଉକ୍ତ କାର୍ଯ୍ୟ ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। ଏହି ଆଧାରରେ ଯାଜପୁର ଜିଲାପାଳଙ୍କ ପକ୍ଷରୁ ପ୍ରସ୍ତାବିତ ସ୍ଥାନରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଥିଲା। ସେହି ମୁତାବକ ନଭେମ୍ବର ୧୪ରେ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଦିଲୀପ ବିଲ୍ଡକନ ଗଳି ପୋଲ କାର୍ଯ୍ୟ ଆରମ୍ଭ କରିଥିଲା। ଏହାକୁ ସୁଆଁସାହି ଗ୍ରାମର ଲୋକେ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଘଟଣାସ୍ଥଳରେ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରମୁଖ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିବାରୁ ସ୍ଥିତି ସ୍ୱାଭାବିକ ହୋଇଥିଲା। ସାମୟିକ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବାକୁ ଠିକାସଂସ୍ଥାକୁ ପରାମର୍ଶ ଦିଆଯାଇ ଥିଲା। ଉକ୍ତ ମାମଲାକୁ ନେଇ ଉଭୟ ପଞ୍ଚାୟତର ଜନସାଧାରଣ କୋରେଇ ବିଧାୟକଙ୍କୁ ଭେଟି ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗ ଆଧାରରେ ବିଧାୟକ ବଳ ଘଟଣା ସ୍ଥଳ ପରିଦର୍ଶନ କରି ଲୋକଙ୍କୁ ବୁଝାସୁଝା କରିବା ସହ ଉକ୍ତ ମାମଲାର ଆପୋଷ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ବିଧାୟକ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ବାହ୍ୟ ମଳମୂତ୍ର ତ୍ୟାଗ ବନ୍ଦ ପାଇଁ ସଚେତନତା ପଦଯାତ୍ରା

**ବିରିଡ଼ି,୧୭।୧୧(ଡି.ଏନ.ଏ.):** ବିରିଡି ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ବାହ୍ୟ ମଳମୁତ୍ର ତ୍ୟାଗ ବନ୍ଦ ପାଇଁ ଏକ ସଚେତନା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଶିବପୁର ପଞ୍ଚାୟତ ନିକଟ ଶଙ୍କେରେଶ୍ୱର ମହାଦେବ ମନ୍ଦିରରୁ ଏହି ପଦଯାତ୍ରା ବାହାରିଥିଲା। ସ୍ଥାନୀୟ ଜନସାଧାରଣ ବାହ୍ୟ ମଳମୂତ୍ର ତ୍ୟାଗ ବନ୍ଦକରିବା ପାଇଁ ପଦଯାତ୍ରା ମାଧମରେ ସଚେତନ କରାଯାଇଥିଲା। ପରେ ବରିଷ୍ଠ ନାଗରିକ ମନ୍ଦିର ଚତୁପର୍ଶ୍ୱ ଏବଂ ରାସ୍ତା କଡରେ ପଡିଥିବା ଅବର୍ଜନା ସଫା କରିଥିଲେ। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ବିରିଡି ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ସମ୍ପାଦକ ରାଜନାରାୟଣ ମହାନ୍ତି। ସଦସ୍ୟ ପ୍ରଶାନ୍ତ ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ନିର୍ମଳେନ୍ଦୁ ମହାପାତ୍ର, ସୁଧାଶୁଂ ସାହୁ, ସୁବାସ ଚନ୍ଦ୍ର ଜେନାମଣି, ନୀଳକଣ୍ଠ ବେହେରା, ଅନାମ ଚରଣ ବେହେରା, ପ୍ରଶାନ୍ତ ସ୍ୱାଇଁ, ସୁଧାଶୁଂ ଜେନାମଣି, ବାଉରୀବନ୍ଧୁ ସ୍ୱାଇଁ, ଅନିରୁଦ୍ଧ ଜେନା, ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଗ୍ରାମ ପରିକ୍ରମା କରିଥିଲେ।

### ଜାତୀୟ ପ୍ରେସ ଦିବସ

**ରାହାମା,୧୭।୧୧(ଡି.ଏନ.ଏ.):** ରାହାମା ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ମାନସ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅତିଥିଭାବେ ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ତିର୍ତ୍ତୋଲ ଆଦିକବି ଶାରଳାଦାସ କଲେଜ ରସାୟନ ବିଭାଗ ପ୍ରଧାପକ ଡ. କ୍ଷୀରୋଦ ଓଝା, ପୋତାନଈ ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାରାଜ, ଓଡ଼ିଶା ସାମ୍ବାଦିକ ସଂଘ ଜଗତ୍‌ସିଂହପୁର ଜିଲା ସଭାପତି ସୁନାକର ବେହେରା, ତିର୍ତ୍ତୋଲ ବାର ଆସୋସିଏସନ ଉପସଭାପତି ଟୁକନ ଚରଣ ସେଠୀ, ଶିଶିର ଦାସ, ଶିକ୍ଷକ ରଶ୍ମିରଞ୍ଜନ ଦାସ, ସାଇଲୋ ସେବା ସମବାୟ ସମିତି ସଭାପତି ଭିକାରୀ ଚରଣ ସେନାପତି, ଅଜୟ ସାହୁ ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଗଣମାଧମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କ୍ଲବ ସମ୍ପାଦକ ଶ୍ରୀକାନ୍ତ ଦାସ, ଉପସଭାପତି ନିର୍ଲିପ୍ତ ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସାଧୁଚରଣ ବିଦ୍ୟାପୀଠରେ ବିଜ୍ଞାନ ମେଳା

**ବାଲିଆ,୧୭।୧୧:** ସାଧୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ମିତାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ମଲ୍ଲ ଓ ପ୍ରଭାସିନୀ ସୂତାର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବନଲତା ପଟ୍ଟନାୟକ, ବିଶ୍ୱମ୍ଭର ରାଉତ, ସସ୍ମିତା ଦାଶ, କୁନ୍ଦଲତା ପତି, ଯୋଗମାୟା ନନ୍ଦ, ମଧୁମାଳା ମିଶ୍ର ସହଯୋଗ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପକୁ ପ୍ରଧାନଶିକ୍ଷୟିତ୍ରୀ ଓ ବିଜ୍ଞାନ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗଦେଇ ଚୟନ କରିଥିଲେ। ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଅଭିଜିତ ପରିଡ଼ାଙ୍କ ୧ମ, କସ୍ତୁରି ବେହେରା ଓ ଇପ୍‌ସିତା ପରିଡା ୨ୟ, ବର୍ଷା ମାଲିକଙ୍କ ପ୍ରକଳ୍ପ ୩ୟ ସ୍ଥାନ ହାସଲ କରିଥିଲା।

### ଦୁଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବିରିଡି,୧୭।୧୧(ଡି.ଏନ.ଏ):** ବିରିଡ଼ି ବ୍ଲକ ଉକୁନ୍ଦରା ମା'ରାମଚଣ୍ଡୀ ବିଦ୍ୟା ନିକେତନର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁସ୍ମିତା ଭୋଇ ଓ ପ୍ରିୟଦର୍ଶିନୀ ଭୋଇ ୨୦୧୮-୧୯ ବର୍ଷ ପାଇଁ ଏନଏମଏସ ଜାତୀୟ ଶିକ୍ଷାବୃତ୍ତି ପାଇଛନ୍ତି। ବିଦ୍ୟା ନିକେତନ ପକ୍ଷରୁ ଶନିବାର ଉଭୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ କଳିଙ୍ଗ ଦାଶ, ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାଶ, ସମିତିସଭ୍ୟ ବିଶ୍ୱରଞ୍ଜନ ପାତ୍ର, ଶିକ୍ଷକ ପ୍ରମୋଦ ପାତ୍ର, ଶୈଳେନ୍ଦ୍ର ଜେନା, ମୁରାରୀ ମୋହନ ନନ୍ଦ, ଶିକ୍ଷୟିତ୍ରୀ ନମିତା ମହାନ୍ତି, ପୁଷ୍ପଲତା ମିଶ୍ରଙ୍କ ସହ ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତି ସୁଦାମ ଚରଣ ସେଠୀ, ସମ୍ପାଦକ ନରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।

### ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ ଆରମ୍ଭରୁ ଅସୁସ୍ଥ ହେଲେଣି ୩ ଛାତ୍ରୀ

# ଭୟ ନ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଆହ୍ୱାନ

**ଜଗତ୍‌ସିଂହପୁର ଅଫିସ, ୧୭।୧୧**

କ୍ୟୁଲେକ୍ସ ମସା କାମୁଡ଼ାରେ ଯେଉଁ ସଂକ୍ରମଣ ହୁଏ ତାହା ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେଇ) ଭଳି ମାରାତ୍ମକ ରୋଗ ସୃଷ୍ଟି କରେ। ଏହି ରୋଗ ବିଶେଷକରି ଜନ୍ମରୁ ୧୫ ବର୍ଷ ପିଲାଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। ପିଲାଙ୍କୁ ଜ୍ୱର ହେବା ସାଙ୍ଗକୁ ଏହା ମସ୍ତିଷ୍କକୁ ପ୍ରଭାବିତ କରିବାର ଭୟ ଥାଏ। ଏପରି କି ଜ୍ୱର ଯେ କୌଣସି ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଚିକିତ୍ସା ବିଜ୍ଞାନୀ ଗବେଷଣାରୁ ଜାଣି ପାରିଛନ୍ତି। ତେବେ ସମ୍ଭାବ୍ୟ ପରିସ୍ଥିତିକୁ ଦେଖି କେନ୍ଦ୍ର ସରକାର ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ ଅଭିଯାନ ଆରମ୍ଭ କରିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଏହି ଅଭିଯାନ ଗତ ୧୧ ତାରିଖରୁ ଆରମ୍ଭ ହୋଇଛି। ଏହା ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ। ତେବେ ଦୁଃଖର କଥା ହେଲା ଟିକାକରଣ ଆରମ୍ଭରୁ ଜିଲାରେ ୩ଜଣ ପିଲା ଅସୁସ୍ଥ ହେବା ଖବର ଅଭିଭାବକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି। କିନ୍ତୁ ଏନେଇ କେହି ବିଚଳିତ ହେବା ଉଚିତ ନୁହେଁ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଡ. ବିଜୟା ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ବାତ ମାରୁଥିବା ଶିଶୁ, ଅତ୍ୟଧିକ ଜ୍ୱର ଥିଲେ, ଥାଲାସେମିଆ ଏବଂ କର୍କଟ ରୋଗରେ ଆକ୍ରାନ୍ତ ପିଲାଙ୍କୁ ଟିକାକରଣରୁ ବଞ୍ଚିତ କରାଯିବାକୁ ନିର୍ଦ୍ଦେଶ ହୋଇଛି। ଏହି ପିଲାମାନେ ଟିକା ନେଲେ ସମସ୍ୟା ଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ ଟିକା ନେବା ପରେ ପିଲାଙ୍କ କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନ ଥାଏ। କେତେକ କ୍ଷେତ୍ରରେ ସାମାନ୍ୟ ଫୁଲା ଓ ଗେଟା ହେବାର ସମ୍ଭାବନା ଥାଏ। କିନ୍ତୁ ଏହା ଆପେ ଆପେ ଭଲ ହୋଇଯାଏ। ସେଥିପାଇଁ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଯଦି ଟିକା ଦିଆଯିବା ପରେ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ତେବେ ବ୍ୟସ୍ତ ନ ହୋଇ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟର ସହାୟତା ନେବା ଉଚିତ ବୋଲି ସିଡିଏମ୍‌ଓ କହିଛନ୍ତି।

- ଜିଲାରେ ଏହି ଅଭିଯାନ ୧୧ ତାରିଖରୁ ଆରମ୍ଭ ହୋଇଛି
- ଏହା ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ।

ସୂଚନା ଅନୁଯାୟୀ, ସ୍ଥାନୀୟ କଣ୍ଟାବଲ୍ଲଭପୁରର ଖୁସି ପ୍ରିୟଦର୍ଶିନୀ ରାଉତ (୩ୟ ଶ୍ରେଣୀ), ବାଲିକୁଦା ବ୍ଲକ ରାହାଣର ସୁଜାତା ମଲ୍ଲିକ (୭ମ ଶ୍ରେଣୀ) ଓ ଓସକଣାର ସଞ୍ଜୁକ୍ତା ଖୁଣ୍ଟିଆ (୧୦ମ ଶ୍ରେଣୀ) ଜାପାନୀଜ୍ ଏନ୍‌ସେଫାଲାଇଟିସ୍ ଟିକା ନେଲା ପରେ ଅସୁସ୍ଥ ହୋଇ ପଡିଥିଲେ। କିନ୍ତୁ କାହାରିକୁ ଜ୍ୱର ହୋଇନାହିଁ। ସେମାନଙ୍କୁ ପୃଥକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଛାତ୍ରୀ ଖୁସି ଟିକା ନେଲାପରେ ଅସୁସ୍ଥ ଅନୁଭବ କରିଥିଲେ। ଟିକା ନେଇଥିବା ସ୍ଥାନ ବିନ୍ଧିବା ସହ ମୁଣ୍ଡ ବୁଲାଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେହିପରି ସଞ୍ଜୁକ୍ତା ଟିକା ନେଲାପରେ ଛାତି ଓ ମୁଣ୍ଡ କ'ଣ ହେଉଛି କହି ବାନ୍ତି କରିଥିଲେ। ତାଙ୍କୁ ମଧ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। କେବଳ ସୁଜାତାଙ୍କୁ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇ ଚିକିତ୍ସା ପରେ ଛାଡି ଦିଆଯାଇଥିଲା। ଉଭୟ ଏବେ ସୁସ୍ଥ ଥିବା ଏଡିଏମ୍‌ଓ (ପିଏଚ୍) ଡ. ବସନ୍ତ ବାରିକ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ହେଲା କେତେକ ପିଲାଙ୍କୁ ଇଞ୍ଜେକ୍ସନ ଦେଲେ ଅସହ୍ୟତା (ଆଲର୍ଜି)ପ୍ରକାଶ ପାଏ। ଏଭଳି ହେବାର ସମ୍ଭାବନା ଥିବାରୁ ଟିକାକରଣ କେନ୍ଦ୍ରକୁ ଆଣ୍ଟି ଆଲର୍ଜି ଦିଆଯାଇଥାଏ। ଆବଶ୍ୟକ ପଡିଲେ ପିଲାଙ୍କୁ ଏହି ଟିକା ଦିଆଯାଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି। ଏହି ମୁତାବକ ଜଣେ ଛାତ୍ରୀଙ୍କୁ ସଙ୍ଗେସଙ୍ଗେ ଆଣ୍ଟି ଆଲର୍ଜି ଅର୍ଥାତ୍ ଆଡ୍ରିନାଲିନ୍ ଟିକା ଦିଆଯାଇଥିବା ସୂଚନା ମିଳିଛି।

ଜିଲାରେ ୧ରୁ ୧୫ ବର୍ଷର ଶିଶୁ ସଂଖ୍ୟା ୨,୬୪,୦୩୩ ଥିବାବେଳେ ପ୍ରତ୍ୟେକଙ୍କୁ କିପରି ଟିକା ଦିଆଯାଇପାରିବ ତା ଉପରେ ଧ୍ୟାନ ଦିଆଯାଉଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପାରାଦୀପ ଓ ଜଗତ୍‌ସିଂହପୁର ପୌରାଞ୍ଚଳରେ ମୋଟ ୨,୦୯୩ଟି ଟୀକାକରଣ କେନ୍ଦ୍ର କରାଯାଇଛି। ଏସବୁରେ ମୋଟ ୧,୦୯୦ ଜଣ ଆଶା କର୍ମୀ, ୧,୮୦୩ ଅଙ୍ଗନୱାଡି କର୍ମୀ ଏବଂ ୩୮୯ ଜଣ ସ୍ୱେଚ୍ଛାସେବୀ କର୍ମକର୍ତ୍ତା କାର୍ଯ୍ୟକ୍ରମ ସମ୍ପାଦନ କରିବେ। ଜିଲା ଏବଂ ବ୍ଲକସ୍ତରରେ ୫୯ଜଣ ସୁପରଭାଇଜର କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି।

### କିଷାନ ମଜଦୁର ସଂଘ ପକ୍ଷରୁ ବିଡିଓଙ୍କୁ ୧୧ ଦଫା ଦାବିପତ୍ର

**ନାଉଗାଁ, ୧୭।୧୧ (ସ୍ୱ.ପ୍ର.):** ଅଲ୍ ଇଣ୍ଡିଆ କିଷାନ ମଜଦୁର ସଂଘ ନାଉଗାଁ ଶାଖା ପକ୍ଷରୁ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ବିଡିଓ ରଶ୍ମିରେଖା ମଲିକଙ୍କ ଅନୁପସ୍ଥିତିରେ ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ରରେ ସମସ୍ତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବା, ଭାଗଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି ପାଇଁ ପରିଚୟ ପତ୍ର ପ୍ରଦାନ, ମଣ୍ଡି ନିୟମକୁ ସରଳୀକରଣ, ସରକାରଙ୍କ ଉଦ୍ୟୋଗରେ ନାଉଗାଁରେ ଏକ ଶୀତଳ ଭଣ୍ଡାର ନିର୍ମାଣ, ଚାଷୀକୁ ଉତ୍ପାଦିତ ଦ୍ରବ୍ୟର ଠିକ ମୂଲ୍ୟ ପ୍ରଦାନ, କୃଷି ଋଣ ଛାଡ, ସରକାରୀ ଉଦ୍ୟୋଗରେ ସାର, କୀଟନାଶକ ବିକ୍ରି ପାଇଁ ଦୋକାନ ଖୋଲିବା, ବାଂଶ ଗୋବରୀ କୂଳ ପୋଲକୁ ସମ୍ପୂର୍ଣ୍ଣ କରିବା, ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ ଆଦି ଦାବି ରହିଛି। ଦାବିପତ୍ରକୁ ଜିଲା ସଂଗଠକ ସୁବାସ ସ୍ୱାଇଁ, ବ୍ଲକ ସଭାପତି ମହେଶ୍ୱର ଦାସ, ବଂଶୀଧର ବେହେରା, ସୁରେଶ ଚନ୍ଦ୍ର ବେହୁରା, ରଞ୍ଜୀତ କୁମାର ଜେନା ପ୍ରମୁଖ ପ୍ରଦାନ କରିଥିଲେ।

### କଳିଙ୍ଗ ବାଲିଯାତ୍ରା ମହୋତ୍ସବର ୭ମ ସନ୍ଧ୍ୟା

# ରବିବାର ଥିବାରୁ ସର୍ବାଧିକ ଗହଳି

**ପାରାଦୀପ,୧୭।୧୧(ସ୍ୱ.ପ୍ର.)**

ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ରବିବାର ୭ମ ସନ୍ଧ୍ୟାରେ ପହଞ୍ଚିଛି। ଛୁଟି ଦିନ ଓ ସଂକ୍ରାନ୍ତି ଥିବାରୁ ସବୁଦିନ ଅପେକ୍ଷା ଏହି ଦିନ ସର୍ବାଧିକ ଜନଗହଳି ହୋଇଥିଲା। ଅପରାହ୍ନ ୩ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବାଲିଯାତ୍ରା ପଡ଼ିଆ ଓ ସଂଯୋଗ ରାସ୍ତାରେ ଗହଳି ଲାଗି ରହିଥିଲା। ସନ୍ଧ୍ୟାରେ ଲୋକେ ଘରକରଣା ସାମଗ୍ରୀ କିଣାକିଣିରେ ବ୍ୟସ୍ତ ରହିଥିଲେ। କନ୍ଧମାଳର ଜଣେ ହଦଳୀ ବ୍ୟବସାୟୀ ସୁକୁମାରୀ କହିଛନ୍ତି, ୬ଦିନରେ ମୋଟ୍ ୧ ଲକ୍ଷ ୨୦ ହଜାର ଟଙ୍କାର ବ୍ୟବସାୟ ହୋଇଥିଲା। ହେଲେ ଏହି ସନ୍ଧ୍ୟାରେ ୪୦ ହଜାର ଟଙ୍କାର ବ୍ୟବସାୟ ହୋଇଛି। ବାଲିଯାତ୍ରା ମଞ୍ଚରେ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷକରି ପ୍ରତିଷ୍ଠିତ କଳାକାର ସଚିତା ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଶୀ ଓ ଅସୀମା ପଣ୍ଡାଙ୍କ ମେଲୋଡ଼ି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସନ୍ଧ୍ୟାରେ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସଂଗ୍ରାମ ଜିତ୍ ନାୟକ, କୋଷ୍ଟଗାର୍ଡ ଡିଆଇଜି ଏସ୍‌ଡି ଭାବତ ଓ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ମାଧବାନନ୍ଦ ବିଶ୍ୱାଳ ଅତିଥି ହୋଇଥିଲେ।

#### ଖୋଲାଖୋଲି ମଦ ବିକ୍ରି

ବାଲିଯାତ୍ରାରେ ସୁରକ୍ଷା ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହିତ ୧୫ରୁ ଉର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି। ଏହାସତ୍ତ୍ୱେ ଲୋକଙ୍କଠାରୁ ଚୋରି ହେଉଛି। ସେହିପରି ଝାଉଁବଣରେ ଜୁଆଖେଳ ଓ ବ୍ୟାପକ ଚୋରାମଦ ବିକ୍ରି ଚାଲିଛି। ଖାଇବା ଷ୍ଟଲ ପଛପଟେ ଏକାଧିକ ମଦ ବିକ୍ରି ଓ ଜୁଆ ଖେଳ ଚାଲିଥିବା ଦେଖାଯାଇଛି। ହେଲେ ଏଥିପ୍ରତି ପୋଲିସ ଓ ପ୍ରଶାସନ ନିଘା ନ ଥିବା ପରି ଜଣାଯାଇଛି।

#### ଆଜି ସରିବ ମହୋତ୍ସବ

ଚଳିତ ବର୍ଷର ବାଲିଯାତ୍ରା ମହୋତ୍ସବ ସୋମବାର ଶେଷ ହେବ। ଉଦ୍‌ଯାପନୀ ଉତ୍ସବରେ ୯ରୁ ଉର୍ଦ୍ଧ୍ୱ ଜନପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବବର୍ଷ ଗୁଡ଼ିକରେ ୭ଦିନ ମହୋତ୍ସବ ପାଳିତ ହେଉଥିଲା। ଚଳିତ ବର୍ଷ ଗୋଟିଏ ଦିନ ଅଧିକ ହୋଇଛି। ଏଥିପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ଦେଖାଯାଇଛି।



ବାଲିଯାତ୍ରାରେ ରବିବାର ସନ୍ଧ୍ୟାରେ ହୋଇଥିବା ଜନଗହଳି।



ପାରାଦୀପ ଅଠରବାଙ୍କୀଠାରେ ଏକ ସାର ବୋଝେଇ ଟ୍ରକ୍ ସହ ପିକ୍‌ଅପ୍ ଭ୍ୟାନ୍ ଧକ୍କା ହୋଇଛି।

### ଚେଲିତୋଳ ବାଲିଯାତ୍ରାର ୫ମ ସାଂସ୍କୃତିକ ସନ୍ଧ୍ୟା

**ତିର୍ତ୍ତୋଲ,୧୭।୧୧(ଡି.ଏନ.ଏ.):** ଚେଲିତୋଳ ବାଲିଯାତ୍ରା ମହୋତ୍ସବର ୫ମ ସାଂସ୍କୃତିକ ସନ୍ଧ୍ୟା ବ୍ଲକ ଆତ୍ମା ଅଧକ୍ଷ ବସନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ପ୍ରଭାତ କୁମାର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଚେଲିତୋଳ ବନ୍ଦର ଓ ନୌବାଣିଜ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତିର୍ତ୍ତୋଲ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଡା. କିଶୋର ସାହୁ, ଗୋପାଳପୁର(ଏସ) ସରପଞ୍ଚ କୃଷ୍ଣପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ନୌବାଣିଜ୍ୟର ସ୍ମୃତିଚାରଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଧାରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିମଳ ମହାପାତ୍ର, ରବୀନ୍ଦ୍ର ସେଠୀ, ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ପୂଜ୍ୟପୂଜାଙ୍କୁ ସମ୍ବର୍ଦ୍ଧନା, ଘୋଡ଼ା ନାଚ ଉତ୍ସବ

**ବାଲିଆ,୧୭।୧୧:** ବିରିଡି ବ୍ଲକ ଗୋଷାଣୀଦେଇପୁର ମା'ନାଗୁଳାଇ ପୀଠରେ ପୂଜ୍ୟପୂଜାଙ୍କୁ ସମ୍ବର୍ଦ୍ଧନା ଓ ଘୋଡା ନାଚ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ଅଜିତ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବଟିମିରା ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ସମ୍ମାନିତ ଅତିଥି ଉପାଧକ୍ଷା ଗୀତାଞ୍ଜଳି ସାହୁ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଜିଲା ସଂଖ୍ୟା ଲଘୁ ସେଲ ଅଧକ୍ଷ ମିର୍ ଆଜମିର ଅଲ୍ଲି, ଅଡଙ୍ଗଗଡ ସରପଞ୍ଚ ଅଶୋକ ଜେନା, ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାସ ଓ ଉତ୍ତରଶାସନ ସରପଞ୍ଚ ଶିଳ୍ପା ସାହୁ ଯୋଗ ଦେଇଥିଲେ। ପ୍ରଶାନ୍ତ ଲେଙ୍କା ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ଗ୍ରାମର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ମହାପାତ୍ର, ଲୋକନାଥ ସେନାପତି, କୁମାର ସେନାପତି, ଗୁଣ୍ଡିଚା ସେନାପତି, ନିରଞ୍ଜନ ଲେଙ୍କା, ନିରଞ୍ଜନ ପାଣି, ଯୁଧିଷ୍ଠିର ଭୋଇ, ନିଳମଣି ବାରିକ, ଈଶ୍ୱର ସେଠୀ, ଚଇଁ ସେଠୀ ଓ ଖରବାଦାତା ବିଜୟ ରାଉତଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂଜ୍ୟପୂଜା କମିଟି ସଭାପତି ଚିତ୍ତରଞ୍ଜନ ଲେଙ୍କା, ସମ୍ପାଦକ ପ୍ରଳୟ ମହାନ୍ତି, ଅଜିତ ଲେଙ୍କା, ବିଷ୍ଣୁ ଚରଣ ଲେଙ୍କା, ମନୋରଞ୍ଜନ ମହାନ୍ତି, ନିହାର ମହାନ୍ତି, ରୋହିତ ମହାପାତ୍ର ଓ ଗ୍ରାମ ଯୁବକମାନେ ପରିଚାଳନା କରିଥିଲେ।

### ସଂଗ୍ରାମୀ ପ୍ରହ୍ଲାଦଙ୍କ ସ୍ମୃତିସଭା

**ବିରିଡି,୧୭।୧୧(ଡି.ଏନ.ଏ.):** ସ୍ୱାଧୀନତା ସଂଗ୍ରାମୀ କମ୍ରେଡ୍ ପ୍ରହ୍ଲାଦ ସେଠୀ ଥିଲେ କ୍ଷେତ ମୂଲିଆ ଆନ୍ଦୋଳନର ଭାଗୀରଥି। ସେ ପୁଞ୍ଜିବାଦୀ, ଅର୍ଥନୈତିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସର୍ବଦା ସଂଗ୍ରାମ କରୁଥିଲେ। ଛାତ୍ର ଜୀବନରୁ ଭାରତୀୟ କମ୍ୟୁନିଷ୍ଟ ପାଟିରେ ରହି ମଣିଷ ମଧ୍ୟରେ କୁସଂସ୍କାର, ଅନ୍ଧବିଶ୍ୱାସ, ଉଚ୍ଚନୀଚ ଭେଦଭାବ, ଅତ୍ୟାଚାର, ଘୃଣିତ ଜାତିପ୍ରଥା, ଅର୍ଥନୈତିକ ଅସମାନତା ବିରୋଧରେ ସ୍ୱରଉତ୍ତୋଳନ କରୁଥିଲେ ବୋଲି ସିପିଆଇ ଜଗତ୍‌ସିଂହପୁର ଜିଲା କମିଟି ପକ୍ଷରୁ ରବିବାର ଉତ୍ତରଶାସନ ଗତନାଥ ମହାଦେବ ମନ୍ଦିରରେ ଅନୁଷ୍ଠିତ ସେଠୀଙ୍କ ସ୍ମୃତିସଭାରେ ଯୋଗ ଦେଇଥିବା ବକ୍ତା ମତବ୍ୟକ୍ତ କରିଛନ୍ତି। ସିପିଆଇ ବିରିଡି ବ୍ଲକ କମିଟି ସଦସ୍ୟ ଶିବନାରାୟଣ ଭୋଳଙ୍କ ଅଧକ୍ଷତାରେ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ସିପିଆଇ କଟକ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ସିପିଆଇଏମର ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ସିପିଆଇ ଜିଲା କମିଟି ସଦସ୍ୟ ତ୍ରୈଲୋକ୍ୟ ନାଥ ଜେନା, ଡା. ବିଭୂତି ଭୂଷଣ ଜେନା, ସିପିଆଇ ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟପରିଷଦ ସଭ୍ୟ ସୁର ଜେନା, ସିପିଆଇ ପୂର୍ବତନ ଜିଲା ସମ୍ପାଦକ ଶଶିଭୂଷଣ ସ୍ୱାଇଁ, ଜିଲା ସମ୍ପାଦକ ଅଭିଜିତ ସାହୁ, ଅଭୟ ସାହୁ, କଂଗ୍ରେସର ଦେବୀପ୍ରସାଦ ମଲ୍ଲିକ, ଲିଙ୍ଗରାଜ ମଲ୍ଲ, ସିପିଆଇଏମର ଗଣେଶ୍ୱର ମାଣିଆ, କବି ପୀତାମ୍ବର ମହାପାତ୍ର, ବିଧାନ ଚନ୍ଦ୍ର ଜେନା, ମଙ୍ଗୁଳି ଦାସ, ପ୍ରକାଶ ଦାସ, ଶିକ୍ଷକ କାଳିପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସ୍ମୃତିଚାରଣ କରିଥିଲେ। ସିପିଆଇ କଟକ ନଗର ସମ୍ପାଦକ ବିନୋଦ ବେହେରା ସୂଚନା ପ୍ରଦାନ କରିଥିଲେ।



ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥି।

# ନିୟମ ଅନୁସାରେ ହେଉନି ରାସ୍ତା ସଫେଇ

**ନାଉଗାଁ,୧୭।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଞ୍ଚଳରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସଫେଇ କାର୍ଯ୍ୟ ଚାଲିଛି। ହେଲେ ସଫେଇ ସମୟରେ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହି ବ୍ଲକ ଅଞ୍ଚଳରେ ବିଭାଗ ପକ୍ଷରୁ ବାଲିଭଉଁରୀରୁ ଶିଖରଘାଟ ୧୮ କି.ମି, ଶିଖରଘାଟରୁ ବେତେଣ୍ଡା ୩ କି.ମି., ନାଉଗାଁବ୍ଲକ ଛକରୁ ବାଲିକୁଦା ୧୨ କିମି, କୋକିଡିଅରୁ ତେଲସରା ୧୨କିମି, ନାଉଗାଁରୁ ଅରଖକୁଦ ୫ କିମି ରାସ୍ତା ରହିଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରିବା ପାଇଁ ବିଭାଗ ପକ୍ଷରୁ କେତେକ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ରାସ୍ତାର ଶେଷ ପାର୍ଶ୍ୱରୁ ୩ ଫୁଟ ଲେଖାଏ ସଫେଇ କରାଯିବା ନିୟମ ରହିଛି। ହେଲେ ବିଭାଗ କର୍ମଚାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଦେଖାଯାଉଛି। ଏପରି କି ନାମକୁ ମାତ୍ର ସଫେଇ କରି ବିଲ୍ କରିବା ପାଇଁ କେତେକ ଠିକାଦାର ଚେଷ୍ଟା ଚଳାଉଥିବା ଅଭିଯୋଗ ହୋଇଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି କୋକିଡିଅଠାରୁ ତେଲସରା ପର୍ଯ୍ୟନ୍ତ ଥିବା ୧୨କି.ମି ରାସ୍ତାରେ। ଏହି ରାସ୍ତାରେ ଏବେ ସଫେଇ କାର୍ଯ୍ୟ ଚାଲିଛି। କିନ୍ତୁ କାର୍ଯ୍ୟ କରୁଥିବା ଠିକାଦାର ନାମକୁ ମାତ୍ର ରାସ୍ତାର ଦୁଇପାର୍ଶ୍ୱ ସ୍ଥାନେସ୍ଥାନେ ସଫା କରୁଥିବା ଦେଖାଯାଉଛି। ନିୟମାନୁସାରେ ଢଳେଇ କିମ୍ବା ପିଚୁ ଶେଷ ଭାଗଠାରୁ ୩ ଫୁଟ ମାଟି ରାସ୍ତାକୁ ସଫେଇ କରି ଖାଲଢିପ ସ୍ଥାନକୁ ସମତୁଲ କରିବା ପାଇଁ ବ୍ୟବସ୍ଥା ରହିଛି। ଠିକାଦାର ଅଧିକ ଲାଭ ଉଦ୍ଦେଶ୍ୟରେ ମନଇଚ୍ଛା କାମ କରି ଅର୍ଥ ଆତ୍ମସାତ କରିବା ପାଇଁ ମସୁଧା କରୁଥିବା ଅଭିଯୋଗ କରାଯାଇଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏସମ୍ପର୍କରେ ବିଭାଗୀୟ ଏସଡିଓ ସନ୍ତୋଷ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାର ଉଭୟ ପାର୍ଶ୍ୱ ଏକ ମିଟର ଲେଖାଏ ସଫା କରିବା ପାଇଁ କୁହାଯାଇଛି। ଯଦି ସେହିପରି କରାଯାଇ ନ ଥିବ ପୁଣି ସଫା କରିବାକୁ କୁହାଯିବ। ତେବେ ପ୍ରଶ୍ନ ଉଠୁଛି ଏବେ ବିଭାଗ ପକ୍ଷରୁ କାହିଁକି ଦୃଷ୍ଟି ଦିଆଯାଉନାହିଁ। ପରେ କ'ଣ ପାଇଁ ଆଉଥରେ ସଫା କରିବାକୁ କୁହାଯିବ।



ରାସ୍ତା ସଫେଇ କରାଯାଇଛି।

**ନାଉଗାଁ ବ୍ଲକ**

- ଉପସ୍ଥିତ ରହୁନାହାନ୍ତି ବିଭାଗୀୟ ଅଧିକାରୀ
- ମନଇଚ୍ଛା କାମ କରୁଛନ୍ତି ଠିକାଦାର
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ସୂଚନାଯୋଗ୍ୟ, ବର୍ଷାପରେ ଗାଁ ଗହଳି ରାସ୍ତାର ଉଭୟ ପାର୍ଶ୍ୱ ଘାସ ଓ ବିଭିନ୍ନ ଲଟା ମାଡି ଯାଇଥାଏ। ରାସ୍ତାର ଓସାର କମି ଯିବା ସହିତ ଦୁଇ ପାର୍ଶ୍ୱ ଗହଳିଆ ହୋଇଥିବାରୁ ବିଭିନ୍ନ ସରୀସୃପ ବସବାସ ପାଇଁ ସୁବିଧା ପାଇଥାନ୍ତି। ଏପରି କି ରାସ୍ତା ଅଣ ଓସାରିଆ ହେବା ଦ୍ୱାରା ଯାନବାହନ ଯିବା ଆସିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ଲୋକେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଜନସାଧାରଣଙ୍କ ନିରାପତାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରାଯିବା ପାଇଁ ବ୍ୟବସ୍ଥା ରହିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ସୋମବାର, ନଭେମ୍ବର ୧୮/୨୦୧୯ | Bhubaneswar, Monday, November 18/ 2019


## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ

**ଜଗତ୍‌ସିଂହପୁର ଅଫିସ,୧୭।୧୧:** ଜଗତ୍‌ସିଂହପୁର ଥାନା ଜୋତ ପରିଡ଼ା ସାହି ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାରେ କାଂଶ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶତ୍ରୁଘନ ଓଝା। ସେହିପରି ରବିବାର ରାତି ପ୍ରାୟ ୧୦ଟା୩୦ରେ ଏହି ଥାନା ଅନ୍ତର୍ଗତ ଡିଅସାହି ତୁଳସୀଗାଦି ନିକଟରେ ଏକ ହାଇୱା ଧକ୍କାରେ ବାଲିକୁଦା ଥାନା ଅଧୀନ କାଳିଓ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ହେଲେ ତାଙ୍କ ପରିଚୟ ମିଳି ପାରିନାହିଁ। ହାଇୱାଟି ଖରାପ ହୋଇ ରାସ୍ତା କଡ଼ରେ ଠିଆ ହୋଇଥିବାବେଳେ ସ୍କୁଟିରେ ଯାଉଥିବା ସମ୍ପୃକ୍ତ ବ୍ୟକ୍ତି ହାଇୱାରେ ଧକ୍କା ହୋଇଥିଲେ।

### ଯୁବକଙ୍କୁ ହତ୍ୟା ଅଭିଯୋଗ

**ଏରସମା,୧୭।୧୧(ସ୍ୱ.ପ୍ର.):** ଏରସମା ଥାନା ଗଡ଼ବିଶୁନିପୁର ପଞ୍ଚାୟତ ଜୁଣଗରି ଗ୍ରାମର ଅରବିନ୍ଦ ମଣ୍ଡଳ(୨୬)ଙ୍କୁ ବାଘାଡ଼ି ଗ୍ରାମର କେତେଜଣ ଲୋକ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ତେଣୁ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ସମ୍ପୃକ୍ତ ଯୁବକଙ୍କ ପରିବାର ଓ ଗ୍ରାମବାସୀ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଆଇ ଦୀପ୍ତିମୟୀ ବିଶ୍ୱାଳ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରି ଆସିଛନ୍ତି। ଆମ୍ଭକି ପଞ୍ଚାୟତସ୍ଥିତ ବାଘାଡି ଗ୍ରାମର ଝମେଲ ହେମ୍ବ୍ରମ ଘର ୱ୍ୟାରିଂ ପାଇଁ ଅରବିନ୍ଦଙ୍କୁ ଶନିବାର ଡାକିଥିଲେ। ଅରବିନ୍ଦ କାମ କରିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ମାତ୍ର କିଛି ସମୟ ପରେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଅରବିନ୍ଦ ମୃତ୍ୟୁ ସହ ସଂଗ୍ରାମ କରୁଥିବା ପରିବାର ଲୋକେ ଖବର ପାଇଥିଲେ। ସେମାନେ ପହଞ୍ଚି ଅରବିନ୍ଦଙ୍କୁ କଟକ ବଡ଼ ମେଡିକାଲକୁ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଅରବିନ୍ଦଙ୍କ ଦାଦା ପୁରୁଷୋତ୍ତମ ଥାନାରେ ପହଞ୍ଚି ଆକ୍ରମଣ କରି ଅରବିନ୍ଦଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ।

## ■ ମହାନଦୀ ତଟରେ ମା'ମନସାଙ୍କ ପୂଜା

# ଏକାଠି ପୂଜା ପାଇଲେ ୧୦୮ ମୃଣ୍ମୟୀ ମୂର୍ତ୍ତି

**ମହାକାଳପଡ଼ା, ୧୭।୧୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତର ସ୍ଥାନୀୟ ପିତାପାଟ ଗ୍ରାମସ୍ଥିତ ମହାନଦୀ ତଟରେ ରବିବାରଠାରୁ ଅକାଳ ବୋଧନ ମା' ମନସାଙ୍କ ପୂଜା ଆରମ୍ଭ ହୋଇଛି। ୫ ଦିନ ଧରି ଏହି ପୂଜୋତ୍ସବ ଅନୁଷ୍ଠିତ ହେବ। କାହିଁ କେଉଁ ଅମଳରୁ ମହାନଦୀ ତଟରେ ପୂଜା ପାଇ ଆସୁଥିବା ମା'ମନସାଙ୍କ ନିକଟକରେ ମାନସିକ ରଖି ପୂଜାର୍ଚ୍ଚନା କଲେ ପରିବାରର ମଙ୍ଗଳ ହୋଇଥାଏ ଓ ସମସ୍ତେ ସୁସ୍ଥ ଜୀବନ ଯାପନ କରନ୍ତି ବୋଲି ଲୋକଶ୍ରୁତି ରହିଛି। ଗ୍ରାମର କେତେଜଣ ମୁରବୀ କୁହନ୍ତି, ୧୯୯୭ ନଭେମ୍ବର ୧୭ ତାରିଖରେ ଗ୍ରାମରେ ଦୁଇଦିନ ମଧ୍ୟରେ ୫ ଜଣ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ତେବେ ଗ୍ରାମର ମୁରବୀମାନେ ପଣ୍ଡିତଙ୍କ ପରାମର୍ଶ କ୍ରମେ କାର୍ତ୍ତିକ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅକାଳ ବୋଧନ ମା' ମନସାଙ୍କ ପୂଜାର୍ଚ୍ଚନା କରିଥିଲେ। ପଣ୍ଡିତଙ୍କ ପରାମର୍ଶକ୍ରମେ ରୀତିନୀତି ମୁତାବକ ପୂଜା କରାଯିବା ସହ ମା'ଙ୍କ ପୀଠରେ ୧୦୮ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଥିଲା। ସେବେଠୁ ଗ୍ରାମରେ ସାପ କାମୁଡ଼ା ଅନେକାଂଶରେ କମିଥିବା ଅଞ୍ଚଳବାସୀଙ୍କର ବିଶ୍ୱାସ ରହିଛି। ଏହି ବିଶ୍ୱାସରେ ଦୀର୍ଘବର୍ଷ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି।


ମଣ୍ଡପରେ ମା'ମନସାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି।

ଅନ୍ୟପଟେ ମା'ଙ୍କ ପୀଠ ଆଗରେ ଧର୍ମ ନିକିତିରେ ମାନସିକଧାରୀମାନେ ଗୋଟିଏ ତଉଲରେ ଶିଶୁ, ମହିଳା ଓ ଅନ୍ୟ ତଉଲରେ ମାନସିକ ଅନୁସାରେ ସମ ପରିମାଣର ଫଳ, ମୂଳ, ନଡ଼ିଆ, ପଇଡ, କଦଳୀ ଆଦି ଓଜନ କରି ମା'ଙ୍କ ନିକଟରେ ସମର୍ପଣ କରିଥାନ୍ତି। ଏଥିସହ କେତେଜଣ ମାନସିକଧାରୀ ମା'ଙ୍କ ଗଳାରେ ଟଙ୍କାର ହାର କରିଥିଲେ।

ଚଳିତବର୍ଷ ମଧ୍ୟ ଶତାଧିକ ମାନସିକଧାରୀ ମାନସିକ ପୂରଣ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ଚିନିରେ ପ୍ରସ୍ତୁତ 'ବାତସା' ମାଙ୍କ ନିକଟରେ ଭୋଗ କରାଯାଇଥିଲା। ୫ଦିନ ଧରି ହେବାକୁ ଥିବା ଏହି ପୂଜା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପୂଜା ଦେଖିବାକୁ କଲିକତା, ଭଦ୍ରକ, ବାଲେଶ୍ୱର, ମେଦିନାପୁର, ରାଜନଗର, କେନ୍ଦ୍ରାପଡ଼ା, ପାରାଦୀପ, କୁଜଙ୍ଗ, ଜଗତ୍‌ସିଂହପୁର, କଟକ ଆଦି ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

# ଦେଉଳି ସମବାୟ ସମିତି ଘେରିଲେ ଚାଷୀ

**ରାଜକନିକା, ୧୭।୧୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ମଧୁବନସ୍ଥିତ ଦେଉଳି ସମବାୟ ସମିତିରେ ଋଣ ଦେଣନେଣରେ ଅନିୟମିତତା ଓ ସମିତି ସମ୍ପାଦକ ଚାଷୀଙ୍କ ଅଜାଣତରେ ଋଣ ଉଠାଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ଋଣ ଛାଡ଼ କରିଦିଆଯିବା ପ୍ରତିବାଦରେ ଚାଷୀମାନେ ସମବାୟ ସମିତି ଘେରାଉ କରିଥିଲେ। ଚାଷୀଙ୍କ ପାଇଁ ଆସୁଥିବା ଋଣକୁ ସମ୍ପାଦକ ପ୍ରଭାତ ସମୀର ମିଶ୍ର ଉଠାଇ ନିଜେ ଆତ୍ମସାତ୍ କରୁଥିବା ବେଳେ ଚାଷୀଙ୍କୁ ଧମକାଉଥିବା ଚାଷୀମାନେ ଅଭିଯୋଗ କରି ଆନ୍ଦୋଳନ କରିଥିଲେ। ସେହିପରି କୌଣସି ପ୍ରାକୃତିକ ବିପର୍ଯ୍ୟୟ ପରେ ଚାଷୀଙ୍କୁ ସହାୟତା ପ୍ରଦାନ ହେଉ କି ଋଣ ପ୍ରଦାନ ହେଉ ସମ୍ପାଦକ ପିସି ନେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଖବରପାଇ ବ୍ୟାଙ୍କ ପରିଚାଳକ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ଏଥିସହ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ସମ୍ପାଦକ ମିଶ୍ରଙ୍କୁ ଯୋଗାଯୋଗ କରିବାରେ, ବହୁଚାଷୀଙ୍କ ଆକାଉଣ୍ଟ ଆମ ପାଖରେ ନ ଥିବାରୁ ଚାଷୀଙ୍କ ବୀମା ଟଙ୍କା ହେଉ କି ଋଣ ଛାଡ ହେଉ ସେ ବାବଦ ଅର୍ଥ ସେମାନଙ୍କ ଆକାଉଣ୍ଟରେ ପୈଠ କରାଯାଇପାରୁନାହିଁ। ଏହାଛଡ଼ା ସମିତିରେ କିଛି ବି ଦୁର୍ନୀତି କିମ୍ବା ଅନିୟମିତତା ହୋଇନାହିଁ, ସବୁ ସମୟରେ ଚାଷୀ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।


ସମବାୟ ସମିତି ଆଗରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

# ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ

**କେନ୍ଦ୍ରାପଡା ଅଫିସ,୧୭।୧୧**

କେନ୍ଦ୍ରାପଡା ବ୍ଲକ ବାରୋସ୍ଥିତ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଓଡିଆ ସଙ୍ଗୀତ ଜଗତର ଚିରସବୁଜ ଗାୟକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଷୋଡଶ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି । କଳା ନିକେତନ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରାଯିବା ସହ ଅକ୍ଷୟ ସଙ୍ଗୀତ ଗାନ କରାଯାଇଥିଲା । ଏଥିସହ ଗାୟକ ଚିତ୍ତରଞ୍ଜନ ଜେନାଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପାର୍ଥନା କରା ଯାଇଥିଲା। ଏଥିରେ ନୃସିଂହ ଚରଣ ତ୍ରିପାଠୀ, ଡ. ବାସୁଦେବ ଦାସ, କବି ରାମକୃଷ୍ଣ ଦାସ, ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ସାମାଜିକ କର୍ମୀ ସୁଶିଲ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଗୀତ ଜଗତକୁ ଅକ୍ଷୟଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ନିଜର ମତ ରଖିଥିଲେ । ଏହି ଅବସରରେ ଅକ୍ଷୟ ମହାନ୍ତି ଓ ଚିତ୍ତ ଜେନାଙ୍କ ସଙ୍ଗୀତ କଣ୍ଠଶିଳ୍ପୀମାନେ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରଞ୍ଜନ ବରାଳ, ରୂପାଲି ସୂତାର, ବୈଶାଖୀ ପରିଡା ପ୍ରମୁଖ ଭାଗ ନେଇଥିଲେ । ଏହାକୁ ହୀରାମଣି ପରିଡାଙ୍କ ସମେତ କଳା ନିକେତନର ସଦସ୍ୟମାନେ ପରିଚାଳନା କରିଥିଲେ ।

# ଧୋୟାଞ୍ଚଳରେ କେନ୍ଦ୍ରାପଡ଼ା ଜିଲାପାଳ

**ପଟ୍ଟାମୁଣ୍ଡାଇ, ୧୭।୧୧ (ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଶନିବାର ଅଚାନକ ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଧୋୟାଞ୍ଚଳ ଗସ୍ତ କରି ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ଏହି ଅବସରରେ ଜିଲାପାଳ ଦାଣ୍ଡିସାହି ବ୍ରାହ୍ମଣୀ କଲେଜଠାରେ ଅଞ୍ଚଳବାସୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଅଣ୍ଡରା ପଞ୍ଚାୟତ ତାରିଣୀ ଛକଠାରୁ ବନ୍ଦେ ମାତରମ୍ ହାଇସ୍କୁଲ ପର୍ଯ୍ୟନ୍ତ ଆର୍‌ଡି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ କଲେଜ ଭିତରକୁ ଯାଇ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିବା କଲେଜର ଅସମ୍ପୂର୍ଣ୍ଣ ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୩ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କହିଥିଲେ। ଏହାଛଡା ନିକଟରେ ଥିବା ଜୟହିନ୍ଦ୍ ହାଇସ୍କୁଲ ପାଚେରି ନିର୍ମାଣ ଓ ହାଇସ୍କୁଲଠାରୁ ରାଉତ ସାହି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ତେବେ ନାହିଆଡିହାଠାରେ ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହେଉ ନ ଥିବା ବେଳେ ଏ ଦିଗରେ ଦୃଷ୍ଟି ଦେବାକୁ ଜିଲାପାଳ ବର୍ମା ସ୍ଥାନୀୟ ପବିତ୍ର ମୋହନ କାନୁନ୍‌ଗୋଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦାଣ୍ଡିସାହି–କୋଳଥିଆ ରାସ୍ତା ନିର୍ମାଣ ଓ କୋଳଥିଆ ବାଘୁଆ ଠାରେ ଥିବା ନାଳ ଉପରେ କଲଭର୍ଟ ନିର୍ମାଣ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗତ ବନ୍ୟା ଓ ବୁଲ୍‌ବୁଲ୍ ବାତ୍ୟାରେ କ୍ଷତିଗ୍ରସ୍ତ ବିରି ଓ ଧାନ ଫସଲ ଦେଖି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ କହିଥିଲେ। ତାଙ୍କ ସହିତ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋ, ତହସିଲଦାର ଶରତ କୁମାର ଗିରି, ସହକାରୀ ଯନ୍ତ୍ରୀ ସୁରେଶ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ରାଉତ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଚନ୍ଦ୍ରକ୍ରାନ୍ତି ବେହୁରା ପ୍ରମୁଖ ଯାଇଥିଲେ। ଜିଲାପାଳଙ୍କ ସହିତ ପ୍ରାକ୍ତନ ସରପଞ୍ଚ କୈଳାସ ସେଠୀ, ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ଅଳପୁଆ ସରପଞ୍ଚ କୈଳାସ ଦାସ, ଅମୃତମଣୋହୀ ସରପଞ୍ଚ କୁଳମଣୀ ମଳିକ, ତରଡିପାଳ ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ମାନସ ରଞ୍ଜନ ସାମଲ, ଶଶାଙ୍କ ଶେଖର ବିଶ୍ୱାଳ, ଗୋଲେଖ ପାତ୍ର, ପ୍ରାଧାପକ ନିର୍ମଳ ବିଶ୍ୱାଳ, ରାଜକୁମାର ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ଧନେଶ୍ୱର ପ୍ରଧାନ, କାର୍ତ୍ତିକ ରାଉତଙ୍କ ସମେତ ଶତାଧିକ ସାମାଜିକ କର୍ମୀ ଓ ନେତା ସାମିଲ ହୋଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନାବାଳକଙ୍କୁ ଆକ୍ରମଣ

**ଖୋର୍ଦ୍ଧା ଅଫିସ,୧୭।୧୧:** ଶନିବାର ରାତିରେ ବାଣପୁର ବଜାରରେ ଜଣେ ୧୭ ବର୍ଷର ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଜଣେ ଯୁବକ କୌଣସି କାରଣରୁ ନାବାଳକଙ୍କୁ ଆକ୍ରମଣ କରିଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ନାବାଳକ ରାତିରେ ବାଣପୁର ବଜାରସାହିରେ ଠିଆ ହୋଇଥିବା ବେଳେ ସନ୍ତୋଷ ପାତ୍ରଙ୍କ ସହ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସନ୍ତୋଷ ଉତ୍ତେଜିତ ହୋଇ ନାବାଳକଙ୍କୁ ଆକ୍ରମଣ କରିଥିଲେ। ସେ ଏଥିରେ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

### ପ୍ଲମ୍ବର୍ସ ୟୁନିୟନ ସମ୍ମିଳନୀ

**ପୁରୀ ଅଫିସ,୧୭।୧୧:** ଦେଶରେ ପ୍ରଚଳିତ ଶ୍ରମ ଆଇନକୁ କେନ୍ଦ୍ର ସରକାର ପରିବର୍ତ୍ତନ କରିଛନ୍ତି। ଏହାଦ୍ୱାରା ଶ୍ରମଜୀବୀଙ୍କ ସାମାଜିକ ନିରାପତ୍ତା ବିପନ୍ନ ହେବ। ଜିଏସ୍‌ଟି, ମାନ୍ଦାବସ୍ଥା ଫଳରେ ଶିଳ୍ପ ଏବଂ ରିୟଲ ଇଷ୍ଟେଟ୍ କ୍ଷତିଗ୍ରସ୍ତ ହେବା ଯୋଗୁ ନିର୍ମାଣ ଶ୍ରମିକ କାମଧନ୍ଦା ପାଇବାରୁ ବଞ୍ଚିତ ହେବେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଦ୍ୟାବଧି ପୁନର୍ଗଠନ ନ ହେବା ଯୋଗୁ ପ୍ଲମ୍ବର୍ସ ୟୁନିୟନ, ପୁରୀର ୧୦ମ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଛି। ରବିବାର ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସିଆଇଟିୟୁ ନେତା ଶରତ କୁମାର ରାୟଗୁରୁ ଉଦ୍‌ଘାଟନ କରି ଶ୍ରମିକବିରୋଧୀ ନୀତି ବିରୋଧରେ ସମସ୍ତ ନିର୍ମାଣ ଶ୍ରମିକ ଐକ୍ୟବଦ୍ଧ ଭାବେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସୁରେନ୍ଦ୍ରନାଥ ଦାଶ, ଉପ ଶ୍ରମ ଅଧିକାରୀ ସୁବ୍ରତ କୁମାର ଜେନା, ଶ୍ରମିକ ନେତା ଜଗନ୍ନାଥ ଦେଓ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ବ୍ୟବସ୍ଥା ଓ ପରିବର୍ତ୍ତିତ ନିୟମଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପ୍ଲମ୍ବିଂ କ୍ଷେତ୍ରରେ ପାରଦର୍ଶିତା ଯୋଗୁ ଏହି ଅବସରରେ ଘନଶ୍ୟାମ ଦାସ, ଲକ୍ଷ୍ମୀଧର ପଣ୍ଡା, ଅଧିକାରୀ ସାହୁ, ଆନନ୍ଦ ବେହେରା, ଶ୍ରୀଧର ବେହେରା, ସନାତନ ସାମଲ, ମହେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସୁଶୀଲ କୁମାର ସାହୁ, ସମ୍ପାଦକ ରବିନାରାୟଣ ପ୍ରଧାନ, ମନୋରଞ୍ଜନ ମହାରଣା, ଟୁନା ନାୟକ ମଞ୍ଚାସୀନ ଥିଲେ। ବିଭିନ୍ନ ଦାବି ପୂରଣ ପାଇଁ ଆସନ୍ତା ଜାନୁୟାରୀ ୮ ତାରିଖ ଦେଶବ୍ୟାପୀ ହରତାଳ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା।

### ଜାତୀୟ ସମ୍ମିଳନୀ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ, ୧୭।୧୧:** ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଘର ୩୦ତମ ସର୍ବଭାରତୀୟ ଜାତୀୟ ସମ୍ମିଳନୀ ଆସନ୍ତା ଡିସେମ୍ବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏନେଇ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ପୁରୀ ଜିଲା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓଷ୍ଟା କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଓଷ୍ଟା ଜିଲା ସଭାପତି ଅଧ୍ୟାପକ ବୃନ୍ଦାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ଡ.ଅଶୋକ କୁମାର ମହାନ୍ତି, ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାର ଘରୋଇକରଣକୁ ରୋକିବା, ଶିକ୍ଷାବ୍ୟବସ୍ଥାକୁ ସୁଦୃଢ଼ୀକରଣ ଏବଂ ସଂଘକୁ ଶକ୍ତିଶାଳୀ ଲାଗି ଆଲୋଚନା ହୋଇଥିଲା। ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରଫେସର ପ୍ରଦୀପ କୁମାର ମହାନ୍ତି, ଡ.ବିଷ୍ଣୁଚରଣ ମିଶ୍ର, ବରିଷ୍ଠ ଶିକ୍ଷକ ସୁଧିର ଭୂୟାଁ, ଶିକ୍ଷକ ପ୍ରଦୀପ କୁମାର ବେହେରା, ତପନ କୁମାର ଦାଶ, ସଞ୍ଜୟ ପଟ୍ଟନାୟକ, ଧନୁର୍ଦ୍ଧର ମୁଦୁଲି, ନଳିନୀ ଲୋଚନ ଦାଶ, ସୁବାଷ ଚନ୍ଦ୍ର ମିଶ୍ର, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ଓଷ୍ଟା ଜିଲା ସମ୍ପାଦକ ମହେନ୍ଦ୍ର କୁମାର ରଣସିଂ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଥିଲେ।

### ଶିକ୍ଷକ, କର୍ମଚାରୀ ସଂଘ ବୈଠକ

**ଖୋର୍ଦ୍ଧା ଅଫିସ,୧୭।୧୧:** ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ ମା' ବାଟମଙ୍ଗଳା ଖୋର୍ଦ୍ଧାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଗର ଶିକ୍ଷକ ଅବସର ନେଲେ ପେନସନ ପାଇ ନ ଥାନ୍ତି। ଏପରି କି ଚାକିରି କରି ଅବସର ନେବା ପର୍ଯ୍ୟନ୍ତ କିଛି ଶିକ୍ଷକ ସରକାରୀ ଅନୁଦାନ ମଧ୍ୟ ପାଇ ପାରୁନାହାନ୍ତି। ଯାହାକି କ୍ଷୋଭ ଓ ଉଦ୍‌ବେଗର ବିଷୟ ବୋଲି ମତପ୍ରକାଶ ପାଇଥିଲା।

## ■ ହାତଗୁଞ୍ଜା ପରେ ବି ମିଳୁନି ମାଗଣା ଚିକିତ୍ସା

# ବିଜୁ କୃଷକ କଲ୍ୟାଣ ଯୋଜନା ନାଁରେ ଲୁଟୁଛନ୍ତି

**ଖୋର୍ଦ୍ଧା ଅଫିସ,୧୭।୧୧**

### ଗଣମାଧ୍ୟମର ହସ୍ତକ୍ଷେପ ପରେ ପୁଣି ଅପରେଶନ କଲେ ପରିଚାଳକ

ହାତଗୁଞ୍ଜା ଦେଲେ ବି ବିଜୁ କୃଷକ କଲ୍ୟାଣ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ଚିକିତ୍ସା ସେବା ଯୋଗାଇବାରେ ଅଣଦେଖା କରାଯାଉଛି। ରୋଗୀ ମରୁ ପଛେ ଦୁଇ ସରକାରୀ ଯୋଜନାର ଅନୁଦାନକୁ ଲୁଟିବାରେ ଲାଗି ପଡିଛି ସ୍ୱାସ୍ଥ୍ୟସେବା ଯୋଗାଉଥିବା ଘରୋଇ ହସ୍ପିଟାଲ। ଏଭଳି ଅଭିଯୋଗ ଖୋର୍ଦ୍ଧାରେ ହୋଇ ଆସୁଥିବାବେଳେ ନୟାଗଡ ବ୍ଲକ ଅଶ୍ୱସ୍ତପଡା ଗାଁର ଶରତ ନାୟକ ଏହାର ଗୁମର ଖୋଲିଛନ୍ତି। ଶରତ ୨୫ ଦିନ ତଳେ ଟିଏଲସି ରୋଡସ୍ଥିତ ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲରେ ବିଜୁ କୃଷକ କଲ୍ୟାଣ ଯୋଜନାରେ ହାରନିଆ ଅପରେଶନ ହୋଇଥିଲେ। ଅପରେଶନର କିଛିଦିନ ପରେ ତାଙ୍କୁ ଘରକୁ ଚାଲିଯିବାକୁ କୁହାଯାଇଥିଲା। ଖୋର୍ଦ୍ଧାରୁ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ଯାଇ ନୟାଗଡରେ ହାରନିଆ ଅପରେଶନର ସିଲାଇ ଖୋଲିଥିଲେ। ହେଲେ ଘା' ଶୁଖି ନ ଥିଲା। ଶରତ ଖୋର୍ଦ୍ଧାକୁ ନ ଆସି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଇଥିଲେ। ହେଲେ ଅପରେଶନରେ


ଶରତ ନାୟକ।

ତ୍ରୁଟି ରହିଥିବା ଦର୍ଶାଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ତାଙ୍କୁ ଅପରେଶନ ହୋଇଥିବା ଘରୋଇ ହସ୍ପିଟାଲକୁ ପଠାଇ ଦେଇଥିଲେ। ଶରତ ଶୁକ୍ରବାରଠାରୁ ଖୋର୍ଦ୍ଧାର ଘରୋଇ ହସ୍ପିଟାଲରେ ପହଞ୍ଚି ବାରମ୍ବାର ଦେଖିବାକୁ କହିଥିଲେ। ହେଲେ ତାଙ୍କୁ ଅଣଦେଖା ଓ ଅବହେଳା କରାଯାଇଥିଲା। ଶରତ ୩ ଦିନ ଧରି ଅପେକ୍ଷା କରି ରହିଥିଲେ। ଏପରି କି ଆଉ ଅପେକ୍ଷା କରି ପାରିଲେନି। ଚାଲିଯିବି କହିବା ପରେ ରବିବାର ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଏ ସମ୍ପର୍କରେ ଶରତ ଗଣମାଧ୍ୟମକୁ ଅବଗତ କରାଇବା ପରେ ତରବରିଆ ଭାବେ ତାଙ୍କର ଅପରେଶନ କରାଯାଇଥିଲା।

ଘରୋଇ ହସ୍ପିଟାଲର ପରିଚାଳକ ତ୍ରୁଟିକୁ ସୁଧାରିବାକୁ ଯାଇ ପୁଣି ସାନି ଅପରେଶନ ନିଜେ କରି ରୋଗୀଙ୍କୁ ଗାଁକୁ ପଠାଇ ଦେଇଛନ୍ତି। ଘା' ଶୁଖିବା ପାଇଁ ଔଷଧ ବି ଲେଖି ଦେଇଛନ୍ତି। ଆଶ୍ୱାସନା ଦେଇଛନ୍ତି ଭୟ କରନାହିଁ, ଆଉ କିଛି ଅସୁବିଧା ହବନାହିଁ। ରୋଗୀ ବି ଡାକ୍ତରଙ୍କୁ ନ ଖୋଜି ଗଣମାଧ୍ୟମକୁ ଧନ୍ୟବାଦ ଦେଇ ଅଭିଯୋଗ ରଖି ଚାଲିଗଲେ। କହିଲେ ୩ ଦିନ ଅପେକ୍ଷା ପରେ ଗଣମାଧ୍ୟମ ନ୍ୟାୟ ଯୋଗାଇଲା। ତେବେ ଘରୋଇ ହସ୍ପିଟାଲର ମନମାନୀ ଓ ରୋଗୀ ସେବାକୁ ଅଣଦେଖା ବିଷୟରେ ଲୋକ ଅବଗତ ହେବା ଦରକାର। ନଚେତ ମୋ ପରି ରୋଗୀମାନେ ହଇରାଣ ହେବେ। ଅନ୍ୟପକ୍ଷେ ଏ ସମ୍ପର୍କରେ ଘରୋଇ ହସ୍ପିଟାଲର ପରିଚାଳକଙ୍କୁ ପଚାରିବାରେ ସେ କହିଥିଲେ ଶରତଙ୍କୁ ଯେଉଁ ଡାକ୍ତର ଅପରେଶନ କରିଥିଲେ, ସେ ଆସିବାର ଥିଲା। ତେବେ ସେ ଅପେକ୍ଷା କରିବାକୁ ଅପ୍ରସ୍ତୁତ ହେବାରୁ ଛୋଟିଆ ଅପରେଶନ ମୁଁ ନିଜେ କରି ଦେଇଛି। କିଛି ଅସୁବିଧା ହେବନାହିଁ। ଏହା ଏକ ଛୋଟିଆ ଘଟଣା। ଆପଣମାନେ ଖବର କରନ୍ତୁ ନାହିଁ। ମୋର ଖୋର୍ଦ୍ଧାର ଅନେକ ଖବରଦାତାଙ୍କ ସହ ଭଲ ସମ୍ପର୍କ ରହିଛି। ସେମାନେ ଆମ ଖବର କରନ୍ତି ନାହିଁ। ଆପଣ ଅବୁଝା ହେବା ଠିକ୍ ନୁହେଁ। ତେବେ ଯାହା କହିଲି ବନ୍ଧୁତ୍ୱର ସହ କହିଲି। ଖବରଦାତା ହିସାବରେ ପଚାରିଲେ, କିଛି କହିପାରିବି ନାହିଁ କହି ଏଡାଇ ଯାଇଥିଲେ। ପ୍ରଶ୍ନ ଉଠୁଛି ଘରୋଇ ହସ୍ପିଟାଲରେ ପରିଚାଳକ ଅପରେଶନ କରୁଛନ୍ତି। ଏଠାରେ ରୋଗୀ କେତେ ସୁରକ୍ଷିତ। ତେବେ ସ୍ୱାସ୍ଥ୍ୟ ବିଭାଗ ଚୁପ ହୋଇ ବସି ରହିଛି। ଏ ନେଇ ସିଡିଏମ୍‌ଓ ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ପରିଚାଳକ ଅପରେଶନ କରିବା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେବା ସଙ୍ଗେ ସମାନ। ଘଟଣାର ତଦନ୍ତ କରି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା ।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ■ ମନ୍ଦିର ପରିସରରେ କୃଷକ ବିଶ୍ରାମ ଗୃହ ନିର୍ମାଣକୁ ବିରୋଧ

# ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ବନମାଳୀପୁର ପଞ୍ଚାୟତସ୍ଥିତ ବସନ୍ତପୁର ଗ୍ରାମରେ ଏକ କୃଷକ ବିଶ୍ରାମ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିବା ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଆମ ଗାଁ ଆମ ବିକାଶ ଯୋଜନାରେ ବସନ୍ତପୁର ଗ୍ରାମରେ ଏକ କୃଷକ ବିଶ୍ରାମ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଗ୍ରାମ ନିକଟ ଜରହରିପଦାରେ ଜାଗା ଚିହ୍ନଟ ପରେ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ଗୃହ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବସନ୍ତପୁର ଗ୍ରାମର ପରମାନନ୍ଦ ପୃଷ୍ଟି ନିର୍ମାଣ କାର୍ଯ୍ୟ ପାଇଁ ଉକ୍ତ ସ୍ଥାନରେ ନିଅଁ ଖୋଳିବା ସହ ପଥର, ବାଲି ଓ ମେଟାଲ ଗଦା କରିଥିଲେ । ମାତ୍ର


ମନ୍ଦିର ପରିସରରେ ବିଶ୍ରାମ ଗୃହ ନିର୍ମାଣ ପାଇଁ ନିଅଁ ଖୋଳାଯାଇଛି।

ପରବର୍ତ୍ତୀ ସମୟରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗୃହ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ବ୍ୟକ୍ତି ଜଣକ ଗ୍ରାମର ରାମ ମନ୍ଦିର ପରିସରରେ ନିର୍ମାଣକାର୍ଯ୍ୟ ଆରମ୍ଭ କରିଥିବା ଜଣାଯାଇଛି । ମନ୍ଦିର ପରିସରରେ ବିଶ୍ରାମ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିବା ସହ ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ଓ ନୟାଗଡ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ଦୃଷ୍ଟି ନ ଦେଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ବାଧ ହୋଇ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ ଉପରୋକ୍ତ ଅଭିଯୋଗ ପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ରୁପା ଇଟା ରତ୍ନଭଣ୍ଡାରକୁ ଆଣିବାକୁ ଦାବି

**ପୁରୀ ଅଫିସ, ୧୭।୧୧**

ଏମାର ମଠରୁ ବାହାରିଥିବା ୫୨୨ ଖଣ୍ଡ ରୁପାଇଟା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଆଣିବାକୁ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ସେନା ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ନଚେତ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୫ ଡିସେମ୍ବର ୧୫ ତାରିଖରେ ସୁପ୍ରିମ୍‌କୋର୍ଟ ସମସ୍ତ ମଠ ସମ୍ପତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବୋଲି ରାୟ ଦେଇଥିଲେ। ଏହାପରେ ପ୍ରଶାସନ ଏବଂ ସରକାର ମଠ ସମ୍ପତ୍ତିଗୁଡିକୁ ଶ୍ରୀଜଗନ୍ନାଥଙ୍କ ଖାତାକୁ ଆଣିଛନ୍ତି। କିନ୍ତୁ ଏମାର ମଠରୁ ବାହାରିଥିବା ୫୨୨ ଖଣ୍ଡ ରୁପା ଇଟା (ଯାହାର ବର୍ତ୍ତମାନ ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ) ଏ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ପାଖକୁ ଆସିନାହିଁ। ତେଣୁ ଏହାକୁ ରତ୍ନଭଣ୍ଡାରକୁ ଅଣାଯାଉ। ସେହିପରି ରତ୍ନଭଣ୍ଡାର ଯାଞ୍ଚ କରିବାକୁ ମଧ୍ୟ ସେନା ଦାବି କରିଛି। ଯଦି ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ବୋଲି ପଟ୍ଟନାୟକ କହିଛନ୍ତି।

## ■ ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

# ନ୍ୟାୟ ନ ପାଇ ମହିଳା ନିରାଶ

**ନୂଆଗାଁ,୧୭।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅଧୀନ ଆଡିପଡା ଗ୍ରାମର ଜଣେ ମହିଳା ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ନ ପାଇ ନିରାଶ ହୋଇପଡିଛନ୍ତି। ମହିଳା ଜଣକ ହେଲେ ଆଡିପଡା ଗ୍ରାମର ସୀତା ସାହୁ। ସୀତାଙ୍କ କହିବା ମୁତାବକ ସେ ଓ ପଡୋଶୀ ବିରଞ୍ଚି ସାହୁ ସମ୍ପର୍କୀୟ ହୋଇଥିବାରୁ ଜାଗା ବାଡିକୁ ନେଇ ବିବାଦ ଲାଗିରହିଛି। ବାଡିପଟେ ଉଠିଥିବା ପାଚେରୀ ଓ ନଡିଆ ଗଛକୁ ନେଇ ବିବାଦ ଦେଖାଦେବାରୁ ଆପୋସ ବୁଝାମଣା ପାଇଁ ସୀତା ଗାଡେରୀ ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଗାଁରେ ସମାଧାନ ହୋଇପାରିବ ନାହିଁ ବୋଲି କହିବାରୁ ସୀତା ମହିପୁର ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ନୂଆଗାଁ ଥାନାରେ ବିରଞ୍ଚି ଓ ଅନ୍ୟ ଦୁଇଜଣଙ୍କ ନାମରେ ମାମଲା (ନଂ.୫୩/୧୯) ରୁଜୁ ହୋଇଥିଲା । ହେଲେ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାରୁ ସେମାନେ ଗତ ୪ ତାରିଖରେ ତାଙ୍କୁ ଆକ୍ରମଣ କରିଥିବା ନେଇ ସୀତା ନୂଆଗାଁ ଥାନାରେ ପୁଣି ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ନଂ.୯୯/୧୯ରେ ମାମଲା ରୁଜୁ ହୋଇଛି। ଏପରି କି ସୀତା ନ୍ୟାୟ ପାଇଁ ରବିବାର ନୟାଗଡ଼ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି। ଏ ସମ୍ପର୍କରେ ମହିପୁର ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମାଝିଙ୍କୁ ପଚାରିବାରୁ ସେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା ଜାରି ରହିଥିବା କହିଛନ୍ତି।

# ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସଭା


ସଭାରେ ଉପସ୍ଥିତ ଶ୍ରମିକମାନେ।

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ନିର୍ମାଣ ଶ୍ରମିକ ୟୁନିଅନର ସାଧାରଣ ସଭା ନୟାଗଡ଼ ବିଜେଡି କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ସୁବାସ କହଁର, ବ୍ଲକ ବିଜେଡି ସଭାପତି ଶ୍ରବଣ ରାମ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଥିବାରୁ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସହାୟତା ରାଶି ପଡ଼ି ରହୁଛି । ହିତାଧିକାରୀମାନେ କିପରି ତୁରନ୍ତ ସହାୟତା ରାଶି ପାଇବେ ସେ ଦିଗରେ ଆଲୋଚନା ହୋଇଥିଲା।

# ଦାମୋଦର ଶିଶୁ ରାଇଜର ବାର୍ଷିକ ଉତ୍ସବ

**ନୟାଗଡ଼ ଅଫିସ,୧୭।୧୧**

କବି ତଥା ସାହିତ୍ୟିକ ସ୍ୱର୍ଗତ ଦାମୋଦର ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ଦାମୋଦର ଶିଶୁ ରାଇଜର ଦ୍ୱିତୀୟ ବାର୍ଷିକ ଉତ୍ସବ ଶରଣକୁଳ ପଥୁରିଆ ସାହିଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବାସୁଦେବ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର କର ମୁଖ୍ୟଅତିଥି, ପ୍ରଶାନ୍ତ କୁମାର ଦାଶ ମୁଖ୍ୟବକ୍ତା ଓ ସୁରେନ୍ଦ୍ର ନାଥ ପ୍ରଧାନ, କୃଷ୍ଣଚନ୍ଦ୍ର ମହାପାତ୍ର, ସଦାନନ୍ଦ ମହାପାତ୍ର, ଦାମୋଦର ସାହୁ, ମୀନା ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଝୋଟି, ସଙ୍ଗୀତ ଚୌକି ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗ୍ରାମର ବରିଷ୍ଠ ନାଗରିକ ଉଦୟନାଥ ସାହୁଙ୍କୁ ଶିଶୁ ରାଇଜ ପକ୍ଷରୁ ସମ୍ବର୍ଦ୍ଧିତ ଦିଆଯାଇଥିଲା। ସମ୍ପାଦକ ଜୟକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶୋଭନ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ବାଲୁଖଣ୍ଡରେ ୫ ହଜାର ଚାରା ରୋପଣ

**ପୁରୀ ଅଫିସ, ୧୭।୧୧**

ଫନୀ ବାତ୍ୟାରେ ଉଜୁଡ଼ିଯାଇଥିଲା ବାଲୁଖଣ୍ଡ ଅଭୟାରଣ୍ୟ। ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳର ଲକ୍ଷାଧିକ ଗଛ ଧରାଶାୟୀ ହୋଇପଡିଥିଲା। ବାଲୁଖଣ୍ଡ କିପରି ପୁଣି ତା ସବୁଜିମା ଫେରି ପାଇବ ସେ ଦିଗରେ ଉଦ୍ୟମ ଜାରି ରଖିଛି ବନ ବିଭାଗ। ବର୍ତ୍ତମାନ ଏ ଦିଗରେ ଆଗେଇ ଆସିଛି ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି। ରବିବାର ଅଭୟାରଣ୍ୟରେ ଗ୍ରୀନ ଆର୍ମିର ପ୍ରାୟ ଶହ ଶହ ଗ୍ରୀନ୍ କମାଣ୍ଡର ପ୍ରାୟ ୫ ହଜାର ଚାରା ଲଗାଇଛନ୍ତି। ଧରାପୃଷ୍ଠକୁ ସବୁଜ, ଶାନ୍ତ, ଶିଥିଳ ଓ ପ୍ରଦୂଷଣମୁକ୍ତ କରିବା ଲକ୍ଷ୍ୟରେ ଆର୍ମିର ମୁଖ୍ୟ କମାଣ୍ଡର ଦିଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଏବଂ ବନ ବିଭାଗ ତତ୍ତ୍ୱାବଧାନରେ ଝାଉଁ, ପୋଲାଙ୍ଗ, କରଞ୍ଜ, ଆକାଶୀ, ଚାକୁଣ୍ଡା, ନିମ୍ବ ଆଦି ଚାରା ରୋପଣ କରାଯାଇଛି।

## ■ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

# ପେଟ୍ରୋଲ ପମ୍ପ ମ୍ୟାନେଜର ଗିରଫ

**ଖୋର୍ଦ୍ଧା ଅଫିସ,୧୭।୧୧**

ଟଙ୍କା ଆତ୍ମସାତ ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସାନପଲ୍ଲୀ ଟାଙ୍ଗୀ ସାହିର ଦୁର୍ଗା ମାଧବ ମହାନ୍ତି(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୁର୍ଗା ମାଧବଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ମୁକୁନ୍ଦପ୍ରସାଦର ପାଇକେରା ପେଟ୍ରୋଲ ପମ୍ପରେ ଦୁର୍ଗା ମାଧବ ମ୍ୟାନେଜର ଭାବେ କାମ କରୁଥିଲେ। କ୍ଷତି ବଢ଼ି ଚାଲିବା ପରେ ମାଲିକ ସୁନୀଲ କୁମାର ପାଇକରାୟ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଜଣାପଡିଥିଲା ଦୁର୍ଗା ମାଧବ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଛନ୍ତି। ଏହା ଜଣାପଡିବା ପରେ ଦୁର୍ଗା ମାଧବ କୁଆଡେ ରାଜି ହୋଇଥିଲେ। ପରେ ସେ ଫେରାର ହୋଇଯାଇଥିଲେ। ଏ ନେଇ ପେଟ୍ରୋଲ ପମ୍ପ ମାଲିକ ସୁନୀଲଙ୍କ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଦଫା ୪୦୬, ୪୦୮, ୪୬୭, ୪୬୮, ୨୯୪, ୫୦୬, ୩୪ ଆଇପିସିରେ ନଂ. ୩୮୭/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଅନ୍ୟପକ୍ଷେ ଦୁର୍ଗାମାଧବଙ୍କ ଗିରଫ ପରେ ପୋଲିସ ଠକେଇ କାଗଜାତର ଯାଞ୍ଚ ପାଇଁ ପେଟ୍ରୋଲ ପମ୍ପ ମାଲିକଙ୍କୁ ମଗାଇଛି।

# ଶ୍ରୀକ୍ଷେତ୍ର ପରିକ୍ରମା କଲେ ସାଧୁସନ୍ଥ, ଶ୍ରଦ୍ଧାଳୁ

**ପୁରୀ ଅଫିସ, ୧୭।୧୧**

ମାର୍ଗଶୀର ଶୁକ୍ଳ ପଞ୍ଚମୀରେ ଶ୍ରୀକ୍ଷେତ୍ରରେ ପଞ୍ଚତୀର୍ଥ ଓ ଶ୍ରୀକ୍ଷେତ୍ର ପରିକ୍ରମାର ବିଧି ରହିଛି। ଏହି ପରିକ୍ରମା ଶ୍ରୀଚୈତନ୍ୟଙ୍କ ସମୟରୁ ଆରମ୍ଭ ହୋଇଛି। କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀ ମନ୍ଦିର ଦର୍ଶନ କରିବା ସହ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି। ରବିବାର ବିଭିନ୍ନ ମଠରୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ। ସେଠାରୁ ଦିରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଛନ୍ତି। ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପଦଯାତ୍ରା ସମୟରେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ ପଦଯାତ୍ରୀ।

ଶ୍ରୀକ୍ଷେତ୍ରର ବଡ଼ଛତା ମଠ, ନେବଳ ଦାସ ମଠ, ବଡ଼ ଓଡ଼ିଆ ମଠ, ହରିଦାସ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ ସମେତ ସମସ୍ତ ରାମାନନ୍ଦୀ ଓ ଗୌଡୀୟ ମଠରୁ ଏହି ପରିକ୍ରମା ବାହାରିଥିଲା। ଏଥିସହ ପ୍ରାଚୀ ଧର୍ମଗୁରୁ କ୍ଷେତ୍ର,


ଶ୍ରୀକ୍ଷେତ୍ର ପରିକ୍ରମା କରୁଛନ୍ତି ସାଧୁସନ୍ଥ ଓ ଶ୍ରଦ୍ଧାଳୁ।

ଜଗତ୍‌ସିଂହପୁର, ବ୍ରହ୍ମପୁର ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏହି ପରିକ୍ରମାରେ ସାମିଲ ହୋଇଥିଲେ। ତେବେ ପରିକ୍ରମାରେ ସାମିଲ ଶ୍ରଦ୍ଧାଳୁମାନଙ୍କଠାରେ ଶ୍ରୀଚୈତନ୍ୟଙ୍କ ପ୍ରତି ଥିବା ଗଭୀର ଶ୍ରଦ୍ଧା ଏବଂ ଭକ୍ତିଭାବ ଦେଖିବାକୁ ମିଳିଥିଲା। ଚୈତନ୍ୟ ଯେଉଁ ପଥ ଦେଇ ପରିକ୍ରମା କରିଥିଲେ ସେହି ପଥକୁ ହିଁ ଅନୁସରଣ କରିଥିଲେ ଶ୍ରଦ୍ଧାଳୁ। ପାଖରେ ଭଲ ରାସ୍ତା ଥିଲେ ମଧ୍ୟ ସେବାଟେ ଯାଇ ନ ଥିଲେ। ବରଂ ପାଣିକାଦୁଅ, ନାଳ, ଖାଲଖମା ଏବଂ ଅଣଓସାରିଆ ରାସ୍ତା ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ଉଦ୍ଦେଶ୍ୟ ଥିଲା ଶ୍ରୀଚୈତନ୍ୟ ଯେଉଁ ବାଟ ଦେଇ ଯାଇଥିଲେ ସେହି ବାଟରେ ହିଁ ସେମାନେ ଯିବେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀକ୍ଷେତ୍ର ହେଉଛି ଶଙ୍ଖ କ୍ଷେତ୍ର। ଶ୍ରୀମନ୍ଦିରକୁ କେନ୍ଦ୍ର କରି ପୂର୍ବରେ ସିଦ୍ଧମହାବୀର, ଦକ୍ଷିଣରେ ଚକ୍ରତୀର୍ଥକୁ ସୀମା ରୂପେ ଗ୍ରହଣ କରି ଶ୍ରୀକ୍ଷେତ୍ର ପରିକ୍ରମା କରାଯାଉଛି। ଶ୍ରୀକ୍ଷେତ୍ର ଭାରତର ୪ ଧାମ ମଧ୍ୟରୁ ଅନ୍ୟତମ। ଏହା ମୁକ୍ତିଧାମ ହୋଇଥିବାରୁ ଶ୍ରୀକ୍ଷେତ୍ର ପରିକ୍ରମା ବିଧି ଶାସ୍ତ୍ର ଅନୁସାରେ କରାଯାଏ। ଏହି ପରିକ୍ରମା ପରମ୍ପରା ମଣିଷର ଆତ୍ମବିଶ୍ୱାସକୁ ବଢାଇଥାଏ। ଶ୍ରୀମନ୍ଦିର ପରିକ୍ରମା, ରଥ ପରିକ୍ରମା, ଶ୍ରୀଗୁଣ୍ଡିଚା ମନ୍ଦିର ପରିକ୍ରମା ବିଧିକୁ ମୁନିଋଷିମାନେ ଗ୍ରହଣ କରିଥିଲେ। ଏପରି କି ସ୍ୱୟଂବ୍ରହ୍ମା ଯେତେବେଳେ ଶ୍ରୀକ୍ଷେତ୍ରକୁ ଆସିଥିଲେ ସେତେବେଳେ ମହାପ୍ରଭୁ ବସିଥିବା ରଥ ଚତୁଃପାର୍ଶ୍ୱ ପରିକ୍ରମା କରିଥିବା ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି। ସନାତନ ପରମ୍ପରାରେ ପରିକ୍ରମା ଏକ ପ୍ରାୟଶ୍ଚିତ ବିଧାନ। ଯଦି ଜଣେ କୌଣସି ଅପରାଧ କିମ୍ବା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କିଛି ଭୁଲ୍ କରିଥାଏ ପରିକ୍ରମା ମାଧ୍ୟମରେ ତାର ପ୍ରାୟଶ୍ଚିତ ହୋଇଥାଏ।

## ସଂକ୍ଷେପରେ

### ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ,୧୭।୧୧:** ନୟାଗଡ଼ ଟାଉନ ଥାନା ମୁକ୍ତାପୁର ଗ୍ରାମ ନିକଟରେ ଟ୍ରାକ୍ଟରରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଭୁଡ୍ଡାଭୁଇଁ ଗ୍ରାମର ଦେବରାଜ ନାୟକ। ରବିବାର ଅପରାହ୍ନରେ ଏକ ଟ୍ରାକ୍ଟର ବାଲି ବୋଝେଇ କରି ନୟାଗଡ଼ ସହରକୁ ଆସୁଥିଲା। ଡିଆରଡିଏ ମୁକ୍ତାପୁର ଛକ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟିପଡିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ଦେବରାଜ ଗାଡ଼ି ଚକା ତଳେ ପଡ଼ି ମୃତ୍ୟୁବରଣ କରିଥିଲେ। ଏଥିରେ ଅନ୍ୟ ଜଣେ ଶ୍ରମିକ ଆହତ ହୋଇଛନ୍ତି। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି।

### ଟ୍ରେନ୍ ଲାଇନ୍‌ରେ କଟି ଯୁବତୀଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ,୧୭।୧୧:** ନୟାଗଡ଼ ଜିଲା ଇଟାମାଟି ଥାନା ବାଉଁଶିଆପଡ଼ା ଗ୍ରାମ ଦେଇ ଯାଇଥିବା ଟ୍ରେନ୍ ଲାଇନ୍‌ରେ କଟି ରବିବାର ରାତିରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ଗ୍ରାମର ଭାରତୀ ସାହୁ (୨୪)। ମିଳିଥିବା ସୂଚନା ଅନୁସାରେ ଭାରତୀ ସନ୍ଧ୍ୟା ବେଳେ ବହି କିଣିବାକୁ କହି ଘରୁ ସ୍କୁଟି ନେଇ ବଜାରକୁ ଯାଇଥିଲେ। ପରେ ବାଉଁଶିଆପଡ଼ାଠାରେ ସ୍କୁଟି ରଖି ଦେଇ ଟ୍ରେନ୍ ଲାଇନ୍ କଡ଼ରେ ଶୋଇ ପଡ଼ିଥିଲେ। ରାତ୍ର ୮ଟା ୩୦ ମିନିଟ ସମୟରେ ଟ୍ରେନ୍‌ଟି ଭାରତୀଙ୍କ ଉପରେ ମାଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଇଟାମାଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଯୁବଗୋଷ୍ଠୀ ଦ୍ୱାରା ଡ୍ରେନ ସଫେଇ

**ଖଣ୍ଡପଡା,୧୭।୧୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ କଲୋ ଫକୀରଅତବୁଦ୍ଧି ପାଟଣା ଗ୍ରାମର ଶିକ୍ଷକ ଶତ୍ରୁଘ୍ନ ବେହେରାଙ୍କ ନେତୃତ୍ୱରେ ଯୁବକମାନେ ରବିବାର ଅଞ୍ଚଳରେ ଥିବା ଡ୍ରେନଗୁଡିକୁ ସଫା କରିଥିଲେ। ଦୀର୍ଘ ଦିନରୁ ଡ୍ରେନଗୁଡିକରେ ମଇଳା ପାଣି ନିଷ୍କାସନ ହୋଇ ନ ପାରି ଦୂଷିତ ପରିବେଶ ସୃଷ୍ଟି କରିବା ସହିତ ମଶାମାନଙ୍କ ବଂଶ ବୃଦ୍ଧି ହେଉଥିଲା। ମଶା, ମାଛି ତଥା ଅନ୍ୟାନ୍ୟ କୀଟମାନଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡିଥିଲେ। ଶିକ୍ଷକ ବେହେରାଙ୍କ ସମେତ ପ୍ରସନ୍ନ କୁମାର ସାହୁ, ମନୋଜ ଦଳେଇ, ରଞ୍ଜନ ପରିଡା, ମକରା ବେହେରା, ଶେଷଦେବ ବେହେରା, ବିଦେଶୀ ଦଳେଇ, ମିଲୁ ବେହେରା ପ୍ରମୁଖ ଏକାଠି ହୋଇ ଡ୍ରେନଗୁଡିକୁ ସଫା କରୁଥିବା ପରିଲକ୍ଷିତ ହୋଇଥିଲା।

### ସାହିତ୍ୟ ପତ୍ରିକା ‘ଅକ୍ଷ’ ଉନ୍ମୋଚିତ




**ଦଶପଲ୍ଲା,୧୭।୧୧(ଡି.ଏନ୍.ଏ.):** ଦଶପଲ୍ଲା ସ୍ୱପ୍ନେଶ୍ୱର ମହାବୀର ପୀଠରେ ରବିବାର ତ୍ରୟମାସିକ ସାହିତ୍ୟ ପତ୍ରିକା ‘ଅକ୍ଷ’ର ଶୁଭ ଉନ୍ମୋଚିତ ହୋଇଛି। ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଏହାକୁ ଉନ୍ମୋଚନ କରିଥିଲେ। ଆୟୋଜିତ ଉତ୍ସବରେ ବିଜେବି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ଼ ପ୍ରେମାନନ୍ଦ ମହାପାତ୍ର ମୁଖ୍ୟଅତିଥି, ଡ଼ ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା ଓ ସୁସାହିତ୍ୟିକ ବିଜୟ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ମଣିଷ ମନର ଚିତ୍ର ଲୋକମୁଖରେ ପ୍ରତିପାଦନ ପାଇଁ ସାହିତ୍ୟ ସୃଷ୍ଟି ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରି ‘ଅକ୍ଷ’ ପତ୍ରିକାର ଦୀର୍ଘ କାମନା କରିଥିଲେ। ସମ୍ପାଦନା ମଣ୍ଡଳୀର ସଭାପତି ସୂର୍ଯ୍ୟମଣି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଘ୍ନେଶ୍ୱର ବେହେରା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ପରିଡ଼ା ଓ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସୁବୋଧ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଦେଢ଼ମାସରେ ୧୦ ନିଲମ୍ବିତ, ଜଣେ ବହିଷ୍କୃତ

- ନୟାଗଡ଼ରେ ୫ଟି ଓ ମୋ ସରକାର ପ୍ରଭାବ
- ୩ ଅଧିକାରୀ, ୮ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ଛାନିଆ

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ଜିଲାରେ ୫ ଟି ଓ ମୋ ସରକାର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଦେଢମାସରେ ୧୦ ଜଣ ନିଲମ୍ବିତ ହୋଇଥିବା ବେଳେ ଜଣେ ବହିଷ୍କୃତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୩ ଅଧିକାରୀ ଓ ୮ ଜଣ କର୍ମଚାରୀ। ଏହାକୁ ନେଇ ଅଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସେପ୍ଟେମ୍ବର ୩୦ ତାରିଖରେ ଏକ ମାମଲାର ତଦନ୍ତରେ ବିଳମ୍ବ ଯୋଗୁ ଓଡ଼ଗାଁ ଥାନା ଏଏସ୍‌ଆଇ ଶରତ ଚନ୍ଦ୍ର ମିଶ୍ରଙ୍କୁ ନିଲମ୍ବିତ କରାଯାଇଥିଲା। ଅକ୍ଟୋବର ୧୭ରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ପରିବର୍ତ୍ତେ ଅନ୍ୟ ଏକ ଗାଡ଼ି ନାମରେ ମାମଲା ରୁଜୁ କରିବାରୁ ଫତେଗଡ଼ ଥାନା ଭାପୁର ବିଟ୍ ହାଉସର ଏଏସ୍‌ଆଇ ଅପର୍ତ୍ତି ସାହୁ ନିଲମ୍ବିତ ହୋଇଥିଲେ। ସେହିଭଳି ଜଣେ ବ୍ୟକ୍ତିଙ୍କୁ ଟଙ୍କା ମାଗିବାରୁ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି କନଷ୍ଟେବଳ ଅଚ୍ୟୁତାନନ୍ଦ ପ୍ରଧାନ ନିଲମ୍ବିତ ହୋଇଥିଲେ। ଅକ୍ଟୋବର ୩୧ରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ନୟାଗଡ଼ ଜିଲା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଯୁଗଳ କିଶୋର ପ୍ରଧାନଙ୍କୁ ନିଲମ୍ବିତ କରାଯାଇଛି। ଯୁଗଳ ଭାପୁର ବ୍ଲକର ବିଭିନ୍ନ ଜଳ ବିଭାଜିକା ସଂଘ ସଭାପତି ଓ ସମ୍ପାଦକଙ୍କ ଅଗୋଚରରେ ଟଙ୍କା ଉଠାଣ କରିବା ସହିତ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ନଭେମ୍ବର ୬ରେ ନୟାଗଡ଼ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରୋଗ୍ରାମ୍ ଅଧିକାରୀ ଚୂଡ଼ାମଣି ମୁର୍ମୁଙ୍କୁ ବିଭାଗୀୟ ପ୍ରମୁଖ ସଚିବ ବହିଷ୍କୃତ କରିଥିଲେ। ଚୂଡ଼ାମଣି ପ୍ରୋଗ୍ରାମ୍ ଅଫିସର ସହିତ ଓଡ଼ଗାଁ ବ୍ଲକର ସିଡିପିଓ ଦାୟିତ୍ୱରେ ଥିଲେ। କିଛିବର୍ଷ ତଳେ ସେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ କାର୍ଯ୍ୟ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି କାରଣରୁ ଚୂଡ଼ାମଣିଙ୍କୁ ବହିଷ୍କୃତ କରାଯାଇଥଲା। ସବୁଠାରୁ ବଳିଯାଇଥିଲା ଗତ ୧୩ ତାରିଖର ଘଟଣା। ଏହିଦିନ ନୟାଗଡ଼ ଜିଲା ଯୋଗାଣ କାର୍ଯ୍ୟାଳୟର ଏକାଥରରେ ୬ ଜଣଙ୍କୁ ବିଭାଗ ନିଲମ୍ବିତ କରିଥିଲା। ଜିଲା ଯୋଗାଣ ଅଧିକାରୀ ବିକ୍ରମ କୁମାର ମାଝି ଓ ସହକାରୀ ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବିତ ହୋଇଥିବା ଅନ୍ୟମାନେ ହେଲେ ଉକ୍ତ କାର୍ଯ୍ୟାଳୟର ସଂଗ୍ରାହକ ଅଧୀକ୍ଷକ ସଞ୍ଜୀବ ସାହୁ, ମାନ ନିର୍ଦ୍ଧାରକ ଜୟଶ୍ରୀ ମୁନି, ଡାଟା ଏଣ୍ଟ୍ରି ଅପରେଟେର ସୁଧାକର ଦଳବେହେରା ଓ ରୋଜାଲିନ୍ ସେଠୀ। ନିଲମ୍ବନର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ନିମ୍ନମାନର ଖାଦ୍ୟ ସାମଗ୍ରୀ ଦିଆଯାଉଥିବାରୁ ୬ ଜଣଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଅକ୍ଟୋବର ୧୭ ତାରିଖରେ ଜିଲା କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଗତ ୧୫ ତାରିଖରେ ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ବାହାଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ସାହୁ ମଧ୍ୟାହ୍ନ ଭୋଜନ ଲାଗି ଜାଳେଣି କାଠ ଓ ପରିବା ବିଲ୍ କରାଇଦେବା ପାଇଁ ପ୍ରସନ୍ନ କୁମାର ସାହୁଙ୍କଠାରୁ ୧୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୫ ଟି ପ୍ରଭାବରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ କିଛି ମାତ୍ରାରେ ସୁଧୁରିବେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ବାର୍‌ହା ମାଂସ ଜବତ, ଜଣେ ଗିରଫ

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଓସ୍ତିଆ ଜଙ୍ଗଲରୁ ଶନିବାର ରାତିରେ ବାର୍‌ହା ମାଂସ ଜବତ ସହ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଓଡ଼ଗାଁ ବ୍ଲକ ବାଣ୍ଠପୁର ପଞ୍ଚାୟତ କନ୍ଧନୂଆପଲ୍ଲୀ ଗ୍ରାମର ବିଜୟ ନାୟକ। ବନ ବିଭାଗଠାରୁ ମିଳିଥିବା ସୂଚନା ଅନୁସାରେ ବିଜୟ ଓ ଅନ୍ୟ ଜଣେ ବ୍ୟକ୍ତି ଏକ ବାର୍‌ହା ମାରି ମାଂସକୁ ବାଇକ୍ ଧରି ଆସୁଥିଲେ। ଓସ୍ତିଆ ଛକ ନିକଟରେ ବନ ବିଭାଗର ଟିମ୍ ଏମାନଙ୍କୁ ଧରିଥିଲା। ବିଜୟ ଧରାପଡ଼ିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ବାଇକ୍ ନେଇ ଫେରାର୍ ହୋଇଯାଇଥିଲା। ବନାଞ୍ଚଳ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋଙ୍କ ସମେତ ଏକ ଟିମ୍ ଚଢ଼ାଉରେ ସାମିଲ ଥିଲେ।

## ■ ଅଙ୍ଗଦାନ ମହାପୁଣ୍ୟ ସଚେତନତା କର୍ମଶାଳା

# ୬ଜଣଙ୍କ ଅଙ୍ଗଦାନ ନିମନ୍ତେ ସହମତି



କର୍ମଶାଳାରେ ଅତିଥିଙ୍କ ସହ ଅନ୍ୟମାନେ।

**ଓଡ଼ଗାଁ,୧୭।୧୧(ସ୍ୱ.ପ୍ର.)**

୨୦୦୧ ମସିହାରୁ ଅଙ୍ଗଦାନ କାର୍ଯ୍ୟକ୍ରମ ସାରା ଦେଶରେ ଆରମ୍ଭ ହୋଇଥିବା ବେଳେ ଏଯାବତ୍ ଓଡ଼ିଶାରେ ୧୧ ହଜାର ଅଙ୍ଗଦାନ ସଫଳ ହୋଇଛି। ନୟାଗଡ ଜିଲାରେ ଏହାର ପ୍ରସାର ନିମନ୍ତେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା ରଣପୁର, ଡମସାହିସ୍ଥିତ ଶିକ୍ଷକ ସାମାଜିକ ସେବା ଓ ସଚେତନତା ସଂଗଠନର ଆବାହକ ପ୍ରଦୀପ୍ତ କୁମାର ସେନଗୁପ୍ତା ପ୍ରକାଶ କରିଛନ୍ତି। ଓଡ଼ଗାଁ ନିକଟ ପଥରାସ୍ଥିତ ମହର୍ଷି ସ୍ୱାମୀ ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ତଥା ବୃଦ୍ଧାଶ୍ରମ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ସଚେତନତା କର୍ମଶାଳାରେ ସେନଗୁପ୍ତା ତାଙ୍କ ସମସ୍ତ ସଦସ୍ୟଙ୍କ ସହିତ ଯୋଗଦେଇଥିବା ବେଳେ ଅଙ୍ଗଦାନ ଓ ଶରୀର ଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଶଶିଭୂଷଣ ଆଚାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାରେ ଗଛ ସାର୍ ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ଉପସ୍ଥିତ ରହି ପରିବେଶ ସୁରକ୍ଷା ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବରିଷ୍ଠ ଶିକ୍ଷକ ସୁକାନ୍ତ କୁମାର ଚୌଧୁରୀ, ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ଚନ୍ଦ୍ରଶେଖର ଆଚାରୀ ଓ ଶରତଚନ୍ଦ୍ର ବାରିକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ଅଧ୍ୟକ୍ଷ ଶଶିଭୂଷଣ, ସଦସ୍ୟ ଅରୁଣ ଆଚାରୀ, ଗଛ ସାରଙ୍କ ସମେତ ୬ ଜଣ ଅଙ୍ଗଦାନ ନିମନ୍ତେ ସହମତି ପ୍ରକାଶ କରିବା ସହିତ ଏଥି ନିମନ୍ତେ ଆବଶ୍ୟକ ସତ୍ୟପାଠ ଓ ଆବେଦନ ପତ୍ର ଦାଖଲ କରିବାକୁ ପ୍ରକାଶ କରିଥିଲେ। ନିକଟରେ ମୃତ୍ୟୁ ପରେ ତାଙ୍କ ପରିବାର ୬ଟି ଅଙ୍ଗଦାନ କରିଥିବା ଗଞ୍ଜାମ ଜିଲାର ସୁରଜଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ଓ ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ବ୍ଲକ ଇଟାମାଟି ଥାନା ସଜନାପଡ଼ା ଗ୍ରାମରେ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ହରପ୍ରିୟା ସେଠୀ (୨୩)। ମିଳିଥିବା ସୂଚନା ଅନୁସାରେ ୨ବର୍ଷ ତଳେ ରଣପୁର ଥାନା ବାଉଁଶଗଡ଼ ଗ୍ରାମର ହରପ୍ରିୟା ସଜନାପଡ଼ା ଗ୍ରାମର ସିଲୁ ସେଠୀଙ୍କୁ ବିବାହ କରିଥିଲେ। ୩ ଦିନ ତଳେ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରବିବାର ପୂର୍ବାହ୍ନ ୧୦ଟା ୩୦ରେ ହରପ୍ରିୟାଙ୍କୁ ତାଙ୍କ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଦେଖି ଶାଶୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଇଟାମାଟି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଅଭିଯୋଗ ପରେ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

## ସାପ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବନ କର୍ମଚାରୀ।

**ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.)**

ସାପମାନଙ୍କ ସୁରକ୍ଷା ନେଇ ବନ ବିଭାଗ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଖଣ୍ଡପଡା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡପଡା ଓ ଗଣିଆ ବନାଞ୍ଚଳ ଅଧୀନରେ କାର୍ଯ୍ୟ କରୁଥିବା ବନପାଳ, ବନସୁରକ୍ଷା ସମିତି କର୍ମକର୍ତ୍ତା ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ଅନୁଗୋଳ ଅଞ୍ଚଳର ସର୍ପମିତ୍ର ଭାବେ ପରିଚିତ ଆଦିତ୍ୟ ବେହେରା ସଞ୍ଚାଳକ ଭାବେ ଯୋଗଦେଇ ପ୍ରକୃତି ପୃଷ୍ଠରେ ଜୈବ ବିବିଧତା ନିମନ୍ତେ ଅନ୍ୟ ଜୀବଜନ୍ତୁଙ୍କ ପରି ସାପମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସାପ ମଣିଷକୁ ଆକ୍ରମଣ କରନ୍ତି ନାହିଁ, ସେମାନଙ୍କ ଉପରେ ଆଘାତ ଆସିଲେ ହିଁ ସେମାନେ ଆକ୍ରମଣ କରିଥାନ୍ତି। ତେଣୁ ସାପମାନଙ୍କୁ ସୁରକ୍ଷା ଯୋଗାଇଦେବା ଦିଗରେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ସେ ମତ ଦେଇଥିଲେ। ଅନେକ ସମୟରେ ଜଙ୍ଗଲ ମଧ୍ୟରୁ ଜନ ବସତି ଅଞ୍ଚଳକୁ ଚାଲି ଆସୁଥିବା ବିଷଧର ସାପଗୁଡ଼ିକୁ ଧରି ଅକ୍ଷତ ଅବସ୍ଥାରେ ଜଙ୍ଗଲରେ ଛାଡି ଦେବା ପାଇଁ ବିଭିନ୍ନ ସ୍ଥାନରେ ସ୍ନେକ ହେଲପ୍ ଲାଇନ ସଦସ୍ୟ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସହାୟତା ନେବାକୁ ସେ ପରାମର୍ଶ ଦେଇଥିଲେ। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ଗଣିଆ ବନାଞ୍ଚଳ ଅଧିକାରିଣୀ ସୋନାଲି ସିଓଙ୍କ ସମେତ ବନପାଳ ଶ୍ରୀନିବାସ ଦାଶ, ଶ୍ରୀନିବାସ ମହାପାତ୍ର ଓ ଭାପୁର ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୁବ ରେଡ଼କ୍ରସ୍‌ର ଜିଲାସ୍ତରୀୟ ଶିକ୍ଷା, ପ୍ରଶିକ୍ଷଣ ଶିବିର

**ନୟାଗଡ଼ ଅଫିସ,୧୭।୧୧**




ମୁଖ୍ୟଅତିଥି ମନ୍ତ୍ରୀ ସାହୁ ନିଜର ବକ୍ତବ୍ୟ ରଖୁଛନ୍ତି।

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳଠାରେ ରବିବାର ଯୁବ ରେଡ଼କ୍ରସ୍‌ର ଜିଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ ଯୁବ ରେଡ଼କ୍ରସ୍‌ର କାର୍ଯ୍ୟକାରିତା ଏବଂ ସମୟୋପଯୋଗୀ ସଂସ୍କାର ଉପରେ ମତ ରଖିଥିଲେ। ଅଧ୍ୟକ୍ଷା ମେଜର ମଞ୍ଜୁଶ୍ରୀ ପତି ସ୍ୱାଗତ ଭାଷଣ ଓ ମହମ୍ମଦ ଓମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ଯୁବ ରେଡ଼କ୍ରସ ଶାଖା ପଦାଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, ରାଜ୍ୟ ପର୍ଯ୍ୟବେକ୍ଷକ ସୁବୋଧ ଚନ୍ଦ୍ର ଜଗଦେବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସଂଯୋଜକ ଡ. ଆଦିତ୍ୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଯୋଗ, ଟ୍ରାଫିକ ନିୟମ, ନିଶା ନିବାରଣ, ପରିବେଶ ସୁରକ୍ଷା, ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ସହଦେବ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଶିବିର ମଙ୍ଗଳବାର ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।

# ଅଧାବାଟରେ ଖରାପ ହେଲା ଆମ୍ବୁଲାନ୍ସ

**ନୟାଗଡ଼ ଅଫିସ,୧୭।୧୧**

### ଅଧଘଣ୍ଟା ପରେ ଆଉ ଏକ ଆମ୍ବୁଲାନ୍ସରେ ଗଲେ ରୋଗୀ



ଖରାପ ହୋଇପଡ଼ିଥିବା ଆମ୍ବୁଲାନ୍ସ।

ନୟାଗଡ଼ ଜିଲା ଦର୍ପନାରାଣପୁର ଛକଠାରେ ରବିବାର ଏକ ଆମ୍ବୁଲାନ୍ସ ଖରାପ ହୋଇଯିବାରୁ ରୋଗୀ ଓ ସମ୍ପର୍କୀୟ ଅଟକିବାକୁ ପଡିଥିଲା। ଅଧଘଣ୍ଟା ପରେ ଆଉ ଏକ ଆମ୍ବୁଲାନ୍ସ ଆସିବାରୁ ରୋଗୀ ଜଣକ ଭୁବନେଶ୍ୱର ଯାଇଥିଲେ। ଘଟଣାରୁ ପ୍ରକାଶ ଯେ, ନୂଆଗାଁ ବ୍ଲକ ସୋରଡ଼ା ଗ୍ରାମର ଜଣେ ମହିଳା ଓ ତାଙ୍କ ଶିଶୁ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ (ଓଡ଼ି୦୨ଏନ–୩୦୧୬)ରେ ଉଭୟ ଭୁବନେଶ୍ୱର ଯାଉଥିଲେ। ୫୭ନଂ. ଜାତୀୟ ରାଜପଥ ଖରାପ ଥିବାରୁ ଡ୍ରାଇଭର ରଣପୁର ଦେଇ ଯାଉଥିଲେ। ଦର୍ପନାରାୟଣପୁର ଛକଠାରେ କୌଣସି କାରଣରୁ ଗାଡ଼ିଟି ଖରାପ ହୋଇଯିବାରୁ ଆଉ ଆଗକୁ ଯାଇପାରି ନ ଥିଲା। ପରେ ଯୋଗାଯୋଗ କରିବାରୁ ଆଉ ଏକ ଆମ୍ବୁଲାନ୍ସ ଅଧଘଣ୍ଟା ପରେ ଆସିଥିଲା। ଉଭୟ ମା’ ଓ ଶିଶୁ ସେଥିରେ ଭୁବନେଶ୍ୱର ଯାଇଥିଲେ। ଆମ୍ବୁଲାନ୍ସ ଖରାପ ହେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ବାରବାଟୀ ଝିଅ ଦ୍ୱିତୀୟ



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଭାପୁର,୧୭।୧୧(ଡି.ଏନ୍.ଏ.):** ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ରେ ଭାପୁର ବ୍ଲକ ବାରବାଟୀ ଗ୍ରାମର ୧୦ମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ମିଶ୍ର କୃତିତ୍ୱ ହାସଲ କରିଛନ୍ତି। ତୃଣମୂଳସ୍ତରରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ଗଣଶିକ୍ଷା ବିଭାଗ ଦ୍ୱାରା ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ପ୍ରଥମେ ବ୍ଲକ ପରେ ଜିଲା ଓ ଶେଷରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥାଏ। ଚଳିତବର୍ଷ ଗତ ୧୪, ୧୫ ଓ ୧୬ ତାରିଖ ତିନିଦିନ ଧରି ଭୁବନେଶ୍ୱର ୯ ନମ୍ବର ବାଳକ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭାପୁର ବ୍ଲକର ୨ଜଣ ଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଶାଳପଡ଼ା ପଞ୍ଚାୟତ କବିରାଜ ବୈଦ୍ୟନାଥ ଚିନ୍ତାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗାଁର ୧୦ମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ମିଶ୍ର ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ପଦ୍ମାବତୀ ଗ୍ରାମର ନଟବର ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଛାୟା ବିଧାନସଭା କାର୍ଯ୍ୟକ୍ରମରେ ରୁପାଲୀ ରତୁପର୍ଣ୍ଣା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏ ଦୁଇଛାତ୍ରୀଙ୍କୁ ଶିକ୍ଷକ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଫଟାକାନ୍ଥ, ଭଙ୍ଗା ଘରେ ପାଠପଢ଼ା

- ଅଭିଯୋଗ ସତ୍ତ୍ୱେ ନାହିଁ ପ୍ରତିକାର
- ପ୍ରଶାସନର ନଜର ପଡୁନି

**ରଣପୁର,୧୭।୧୧(ସ୍ୱ.ପ୍ର.)**

ରଣପୁର ବ୍ଲକ କାର୍ଯ୍ୟାଳୟଠାରୁ ୫କିମି ଦୂରରେ ରହିଛି ବଳଭଦ୍ରପୁର ଉଚ୍ଚ ବିଦ୍ୟାଳୟ। ଏଠାରେ ନବମ ଓ ଦଶମ ଶ୍ରେଣୀରେ ୭୦ ଛାତ୍ରୀଛାତ୍ର ଅଧ୍ୟୟନରତ। ତେବେ ଫଟା କାନ୍ଥ ଓ ଭଙ୍ଗା ଶ୍ରେଣୀଗୃହରେ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ପଢୁଥିବା ଦେଖାଯାଉଛି। ଏ ନେଇ ଗ୍ରାମବାସୀ, ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ଜିଲାପାଳ, ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିନି।

ସୂଚନାଯୋଗ୍ୟ ୧୯୮୯ ମସିହାରେ ବଳଭଦ୍ରପୁର ପଞ୍ଚାୟତରେ ବଳଭଦ୍ରପୁର ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଗାଁ ଲୋକେ ଚାନ୍ଦା କରି ମିଳିତ ଭାବେ ହାଇସ୍କୁଲ ନିର୍ମାଣ କରିଥିଲେ। ସେ ସମୟରେ ଇଟା ଓ ପଥରରେ ମାଟି ଯୋଡେଇ କରି ବିଦ୍ୟାଳୟ ଘର ନିର୍ମାଣ ହୋଇଥିଲା। ୨୦୦୪ ମସିହାରେ ଏହି ବିଦ୍ୟାଳୟ ଆଡେଡ୍ ହାଇସ୍କୁଲର ମାନ୍ୟତା ପାଇଥିଲା। ଇତିମଧ୍ୟରେ ୩୦ବର୍ଷ ବିତିଯାଇଥିଲେ ମଧ ବିଦ୍ୟାଳୟ ଗୃହ ମରାମତି କରାଯାଉନି। ବର୍ଷାଦିନେ ଶ୍ରେଣୀଗୃହରେ ପାଣି ଗଳୁଛି। ପବନ ହେଲେ ଆଜବେଷ୍ଟସ୍ ଥରୁଥିବା ଦେଖାଯାଉଛି।



ବିଦ୍ୟାଳୟ ଗୃହ କାନ୍ଥ ଫାଟିଯାଇଛି।

### ବିଧାୟକଙ୍କୁ ଅବଗତ କରାଇଲେ

ପ୍ରଶାସନର ଅସହଯୋଗ ପରେ ଗ୍ରାମବାସୀ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସହଯୋଗ ଲୋଡିଛନ୍ତି। ସେମାନେ ବିପଦସଙ୍କୁଳ ଗୃହରେ ପିଲାମାନେ କିଭଳି ପଢୁଛନ୍ତି ତାହା ବିଧାୟକଙ୍କୁ ଦେଖାଇଛନ୍ତି। ସ୍କୁଲ ପରିସରରେ ଏକ ସଭା କରି ସ୍କୁଲ ଗୃହ ନିର୍ମାଣ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ବିଧାୟକ ମଧ ସରକାରଙ୍କୁ ଅବଗତ କରାଇ ନୂଆ ଘର ନିର୍ମାଣ କରିବାକୁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନୁଷ୍ଠିତ ସଭାରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ, ଭୁବନେଶ୍ୱରର ସରକାରୀ ଓକିଲ ବନମାଳୀ ମହାପାତ୍ର, କାଣ୍ଡପଡାର ପୂର୍ବତନ ସରପଞ୍ଚ ନର୍ମଦା ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ମହାନ୍ତି, ମା’ ମଣିନାଗ ଦୁର୍ଗା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂ ପ୍ରସାଦ ମଲ୍ଲିକ, ସମାଜିକ କର୍ମୀ ଦୀନବନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।